# ପ୍ରକଳ୍ପ ସପକ୍ଷରେ ଗଲା ଜନମତ



ଜନଶୁଣାଣିରେ ପ୍ରଶାସନିକ ଅଧିକାରୀ।


ଯୋଗ ଦେଇଥିବା ସ୍ଥାନୀୟ ଲୋକ।

■ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଜନଶୁଣାଣି

■ ପାରାଦୀପରେ ୭ ମିଲିୟନ ମେଟ୍ରିକ ଟନ୍ ତରଳ ଇସ୍ପାତ କାରଖାନା

**ପାରାଦୀପ, ୧୦।୧ (ଶରତ ରାଉତ)**

ପାରାଦୀପ ମଧୁବନ ପୌର କଲ୍ୟାଣମଣ୍ଡପ ପାଖରେ ବୁଧବାର ଏଏମ୍ଏନ୍ଏସ୍ (ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍) କମ୍ପାନୀର ପ୍ରସ୍ତାବିତ ଇସ୍ପାତ କାରଖାନା ପାଇଁ ପରିବେଶୀୟ ଜନଶୁଣାଣି ହୋଇଥିଲା। ବାର୍ଷିକ ୭ ମିଲିୟନ ମେଟ୍ରିକ୍ ଟନ୍ ଇସ୍ପାତ କାରଖାନା ପାଇଁ ଜନଶୁଣାଣିରେ ପ୍ରାୟ ୧୫ଶହରୁ ଅଧିକ ଲୋକ ଯୋଗଦେଇଥିଲେ। ସେଥିରୁ ୬୬ ଜଣ ମତ ଉପସ୍ଥାପନା କରିଥିଲେ। ସେହି ୬୬ ଜଣଙ୍କ ମଧ୍ୟରୁ ଅଧିକାଂଶ ପ୍ରସ୍ତାବିତ ପ୍ରକଳ୍ପ ସପକ୍ଷରେ ମତ ଦେଇଥିଲେ ବୋଲି ଆୟୋଜକ ତଥା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା କହିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ, ପାରାଦୀପ ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା ଉପସ୍ଥିତ ଥିଲେ। ଉକ୍ତ ପ୍ରକଳ୍ପ ପାଇଁ କମ୍ପାନୀ ୩୮ହଜାର କୋଟି ଟଙ୍କା ବିନିଯୋଗ କରିବ। ଏହା ନିର୍ମାଣ ସମୟରେ ୨୧ହଜାର ଲୋକଙ୍କୁ ନିଯୁକ୍ତି ସୁଯୋଗ ଦେବ। ଅପରେଶନ ସମୟରେ ୭ହଜାର ବେକାରି ନିଯୁକ୍ତି ସୁଯୋଗ ପାଇବେ ବୋଲି କମ୍ପାନୀ ପକ୍ଷରୁ ଜମି ଅଧିଗ୍ରହଣ ଅଧିକାରୀ ପ୍ରଫୁଲ୍ଲ କୁମାର ମହାନ୍ତି କହିଛନ୍ତି। ସମନ୍ୱିତ ଇସ୍ପାତ କାରଖାନା ପାଇଁ ହାଣ୍ଡିଆ ଗ୍ରାମ ବିସ୍ଥାପିତ ହେବ। ସେମାନଙ୍କ ପାଇଁ ବିସ୍ଥାପନ ଥଇଥାନ ନିୟମାନୁସାରେ ଭଲ ବ୍ୟବସ୍ଥା କରାଯିବ। ଏହି ଶୁଣାଣି ସମୟରେ କମ୍ପାନୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାଜୀବ ଭଟ୍ଟନାଗର, ବ୍ରାଉନ୍‌ଫିଲ୍ଡ ପ୍ରୋଜେକ୍ଟ ମୁଖ୍ୟ ଅରୁଣ ରଥ, ଅପରେଶନ ନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜୀଙ୍କ ସମେତ ଅନ୍ୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ବନ୍ଦୋବସ୍ତ କରାଯାଇଥିଲା। ଭୀମାନାସୀ, ମୂଷାଡ଼ିଆ, ଲକ୍‌ପଡ଼ା, ହାଣ୍ଡିଆ, ନୂଆଗଡ଼, ବାଲିଡ଼ିଆ, ଭୂତମୁଣ୍ଡାଇ, ଚକ୍ରଧରପୁର ଆଦି ଗ୍ରାମରୁ ବସ୍ ଓ ଛୋଟଗାଡ଼ିରେ ଲୋକଙ୍କୁ ପାରାଦୀପ ଅଣାଯାଇଥିଲା। ଜନଶୁଣାଣି ସଭାସ୍ଥଳକୁ ସ୍ୱତନ୍ତ୍ର ବ୍ୟାରିକେଡ୍ ଜରିଆରେ ଲୋକମାନଙ୍କୁ ଛଡ଼ାଯାଇଥିଲା।

# ସର୍ଭେ, ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି ବିଳମ୍ବିତ

**ଯାଜପୁର ରୋଡ୍-ଧାମରା ପ୍ରସ୍ତାବିତ ରେଳପଥ**

■ ରେଳ ମହାପ୍ରବନ୍ଧକଙ୍କୁ ଭେଟିଲା ସଂଗ୍ରାମ ସମିତି

■ ଜାନୁଆରୀ ୨୮ ପରେ ପରବର୍ତ୍ତୀ ପଦକ୍ଷେପ ନେବ ସମିତି

**ଯାଜପୁର, ୧୦।୧ (ହର୍ଷବର୍ଦ୍ଧନ ବେହେରା):**

ଓଡିଶାରେ ୧୭ଟି ପ୍ରକଳ୍ପ ସର୍ଭେ ପ୍ରକ୍ରିୟାରେ ଲଟକିଛି। ବର୍ଷ ବର୍ଷ ଧରି ସର୍ଭେ ଚାଲିଛି ବୋଲି ଇଷ୍ଟକୋଷ୍ଟ ରେଲୱେ ବିଭାଗ ପକ୍ଷରୁ ସୂଚନା ଦିଆଯାଉଛି। ତେବେ ସର୍ଭେ କେବେ ସରିବ, ଚୂଡ଼ାନ୍ତ ରିପୋର୍ଟକୁ ଅନୁମୋଦନ କେବେ ମିଳିବ ଏବଂ ରେଳ କାର୍ଯ୍ୟ ଆରମ୍ଭ ହେବା ନେଇ ସଂପୃକ୍ତ ଅଞ୍ଚଳବାସୀ ଚାହିଁ ରହିଛନ୍ତି। ଏଥିରେ ପ୍ରସ୍ତାବିତ ଯାଜପୁର-କେଉଁଝର ରୋଡଠାରୁ ଧାମରା ରେଳପଥ ରହିଛି। ଗତ ୧୧।୯।୨୦୨୩ରେ ରେଳ ମନ୍ତ୍ରଣାଳୟ ବିଭାଗ ପକ୍ଷରୁ ଏହି ପ୍ରସ୍ତାବିତ ନୂତନ ରେଳପଥର ଫାଇନାଲ ଲୋକେସନ ସର୍ଭେ (ଏଫଏଲ୍ଏସ୍) ପାଇଁ ୨ କୋଟି ୪୦ ଲକ୍ଷ ମଞ୍ଜୁର ହୋଇଛି। ହେଲେ ଏଯାଏ ଆବଶ୍ୟକ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ ହୋଇ ନ ଥିବାରୁ ଯାଜପୁରରୋଡ-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏହିମର୍ମରେ ସମିତିର ଏକ ପ୍ରତିନିଧି ଦଳ ବୁଧବାର ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମାଙ୍କୁ ସାକ୍ଷାତକରି ସ୍ମାରକପତ୍ର ପ୍ରଦାନ ସହ ତୁରନ୍ତ ଚୂଡ଼ାନ୍ତ ସର୍ଭେ ସମାପ୍ତ ଓ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ଦାବି ଜଣାଇଥିଲେ। ୨୦୨୪ ଫେବୃୟାରୀ ପହିଲାରେ ଆଗାମୀ ଆର୍ଥିକ ବର୍ଷ ପାଇଁ ବଜେଟ୍ ଆଗତ ହେବାକୁ ଥିବାରୁ ପ୍ରକଳ୍ପ ରିପୋର୍ଟଟି ରେଳ ମନ୍ତ୍ରଣାଳୟ ତଥା କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ ଲାଭ କରିବା ଜରୁରୀ ବୋଲି ପ୍ରତିନିଧି ଦଳ ପକ୍ଷରୁ ଯୁକ୍ତି କରାଯାଇଥିଲା। କିନ୍ତୁ ମହାପ୍ରବନ୍ଧକ ଶର୍ମା କହିଥିଲେ ସର୍ଭେ ଓ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି କାର୍ଯ୍ୟ କ୍ଷିପ୍ରତାର ସହ ଚାଲିଲେ ମଧ୍ୟ ମାର୍ଚ୍ଚ ମାସ ପୂର୍ବରୁ ଶେଷ ହେବା ସମ୍ଭବ ନୁହେଁ । ବଜେଟରେ ଏହି ପ୍ରକଳ୍ପ ପାଇଁ ବ୍ୟୟବରାଦ କରା ନ ଗଲେ ମଧ ମଞ୍ଜୁରୀ ମିଳିଲା ମାତ୍ରେ ନିର୍ମାଣ କାର୍ଯ୍ୟ ଯେକୌଣସି ସମୟରେ ଆରମ୍ଭ ହୋଇପାରିବ ବୋଲି ଦର୍ଶାଇଥିଲେ। ବର୍ତ୍ତମାନ ଗୃହୀତ ହେଉଥିବା ବଜେଟରେ ପାଣ୍ଠିର ଏପରି ବ୍ୟବସ୍ଥା ରହୁଛି ବୋଲି ସେ ଉଲ୍ଲେଖ କରିଥିଲେ। ମହାପ୍ରବନ୍ଧକଙ୍କ ଏହି ବକ୍ତବ୍ୟ ପରେ ସଂଗ୍ରାମ ସମିତିର ପ୍ରତିନିଧି ଦଳ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି ଏବଂ ଆଗାମୀ ଜାନୁଆରୀ ୨୮ ତାରିଖରେ ଯାଜପୁର ରୋଡରେ ସଂଗ୍ରାମ ସମିତିର ବୈଠକ ଅନୁଷ୍ଠିତ ହୋଇ ପରବର୍ତ୍ତି କାର୍ଯ୍ୟକ୍ରମ କରାଯିବାକୁ ଘୋଷଣା କରାଯାଇଛି। ସଂଗ୍ରାମ ସମିତିର ଆବାହକ ସନ୍ତୋଷ ଦାସଙ୍କ ସମେତ ପ୍ରଫୁଲ୍ଲ ଚନ୍ଦ୍ର ନାୟକ, ମଳୟ କୁମାର ପଣ୍ଡା, ରବିନାରାୟଣ ବେହେରା, ସତ୍ୟପ୍ରକାଶ ବେହୁରିଆ, ସରୋଜ କୁମାର ପାଢୀ, ଦୁର୍ଗାଚରଣ ବାରିକ, ନିର୍ମଳ ରଥ ପ୍ରମୁଖ ଏହି ପ୍ରତିନିଧି ଦଳରେ ସାମିଲ ହୋଇଥିଲେ।


ରେଳ ମହାପ୍ରବନ୍ଧକଙ୍କୁ ସଂଗ୍ରାମ ସମିତି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଲୁଟ୍ ହୋଇଥିବା ୪ ଲକ୍ଷ ଜବତ, ଜଣେ ଗିରଫ

**ଚଣ୍ଡିଖୋଲ, ୧୦।୧ (ପ୍ରଦୀପ୍ତ କୁମାର ପୃଷ୍ଟି)**

**ମହିଳାଙ୍କଠାରୁ ଟଙ୍କା ଲୁଟ୍ ଘଟଣା**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ପୋଲିସ ଗତ ୪ ତାରିଖରେ ବାଲିଚନ୍ଦ୍ରପୁର ବଜାର ଷ୍ଟେଟ ବ୍ୟାଙ୍କ ସମ୍ମୁଖରୁ ଲୁଟ୍ ହୋଇଥିବା ୪ ଲକ୍ଷ ୬୯ ହଜାର ଟଙ୍କା ମଧ୍ୟରୁ ୪ ଲକ୍ଷ ଟଙ୍କା ଜବତ କରିଛି । ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଲୁଟେରା ହେଲେ ଗଞ୍ଜାମ ଜିଲା ଆସ୍କା ଥାନା ଅନ୍ତର୍ଗତ ପାକଳପଲି ଗ୍ରାମର ସନ୍ତୋଷ ରାମ (୨୪) । ବାଲିଚନ୍ଦ୍ରପୁର ଥାନା ପୋଲିସ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛି।

ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଚାରିନଙ୍ଗଳ ଗ୍ରାମର ଜୟବଜରଙ୍ଗବାଲି ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ଗତ ୪ ତାରିଖରେ ବାଲିଚନ୍ଦ୍ରପୁରସ୍ଥିତ ଷ୍ଟେଟବ୍ୟାଙ୍କ ଶାଖାରୁ ୪ ଲକ୍ଷ ୬୯ ହଜାର ଟଙ୍କା ଉଠାଇ ଘରକୁ ଫେରୁଥିବାବେଳେ ବ୍ୟାଙ୍କଠାରୁ ମାତ୍ର ୧୦୦ ମିଟର ମଧ୍ୟରେ ଦୁର୍ବୃତ୍ତମାନେ ସେମାନଙ୍କଠାରୁ ସମସ୍ତ ଟଙ୍କା ଝାମ୍ପି ନେଇ ଫେରାର ହୋଇଯାଇଥିଲେ । ଖବରପାଇ ପୋଲିସ ପହଞ୍ଚି ତନାଘନା କରିବା ସହ ବ୍ୟାଙ୍କ ଓ ନିକଟରେ ଥିବା ଏକ ଦୋକାନର ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଜାରି ରଖିଥିଲା। ସ୍ୱୟଂସହାୟକ ଗୋଷ୍ଠୀର ସଭାପତି ଚିନ୍ମୟୀ ଖଟୁଆଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୨/୨୪) ରୁଜୁ କରିବା ପରେ ଯାଜପୁର ଏସ୍‌ପି ଭିନିତ ଅଗ୍ରୱାଲଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁରରୋଡ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ, ବାଲିଚନ୍ଦ୍ରପୁର ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁ, ଏସ୍ଆଇ ପ୍ରିୟଦର୍ଶନ ସେଠୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା । ଗଞ୍ଜାମ ଜିଲା ଆସ୍କା ଥାନା ପାକଳପଲ୍ଲୀ ଗ୍ରାମର ସନ୍ତୋଷ ରାମଙ୍କୁ ଗିରଫ କରି ତାଙ୍କ ନିକଟରୁ ଲୁଟ ହୋଇଥିବା ଟଙ୍କାରୁ ୪ ଲକ୍ଷ ଟଙ୍କା ଜବତ କରାଯାଇଥିଲା। ସନ୍ତୋଷଙ୍କ ଘର ଆସ୍କା ଅଞ୍ଚଳରେ ହୋଇଥିବା ବେଳେ ସେ କୋରେଇ ଥାନା ଅନ୍ତର୍ଗତ କନ୍ତର ଅଞ୍ଚଳରେ ରହି ବିଭିନ୍ନ ସ୍ଥାନରୁ ଲୁଟ କରୁଥିଲେ ବୋଲି ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଏହି ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅର୍ଜୁନ


@ ଦେବାଶିଷ


@ ଶ୍ରାବଣୀ


@ ଦୀପକ


@ ଶାନ୍ତିଲତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜନଗର ବିଧାୟକଙ୍କ କୁଶପୁତ୍ତଳିକା ଦାହ

**ବିକାଶ ଦେଖି ଛାନିଆ କଂଗ୍ରେସ: ବିଜେଡି**

■ ଟେଣ୍ଡର ଫିକ୍ସିଂ ଭିଡିଓ ଭାଇରାଲକୁ ନେଇ ବିବାଦ

**ରାଜନଗର/ପଟ୍ଟାମୁଣ୍ଡାଇ, ୧୦।୧ (ଭାସ୍କର ରାଉତରାୟ/କଳ୍ପତରୁ ନାୟକ):**

ଏକ ଟେଣ୍ଡର ଫିକ୍ସିଂ ଭିଡିଓ ଭାଇରାଲକୁ ନେଇ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇଛି। ପ୍ରତିବାଦରେ ବୁଧବାର ଅପରାହ୍ନରେ କଂଗ୍ରେସ କର୍ମୀମାନେ ତ୍ରିନାଥବଜାରସ୍ଥିତ ବ୍ଲକ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ହଂସୁଆ ସେତୁ ନିକଟରେ ପହଞ୍ଚି ବିଧାୟକ ଧ୍ରୁବ ସାହୁଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ବିଧାୟକଙ୍କ ନିଜ ପଞ୍ଚାୟତ ବେଲପାଳରେ ନିର୍ମାଣ ହେବାକୁ ଥିବା ଆରଆଇ ଅଫିସ୍ ପାଇଁ ନିଜ ଅନୁଗତଙ୍କ ପାଇଁ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଚାପ ପକାଇବାକୁ ନେଇ ବ୍ଲକ କଂଗ୍ରେସ କମିଟି ସଭାପତି ଦେବେନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ବରିଷ୍ଠ ନେତା ସନ୍ତୋଷ କୁମାର ମହାନ୍ତି, ମୋହନ କୁମାର ଦାସ, ଯୁବ କଂଗ୍ରେସ ସଭାପତି ପ୍ରଭାତ କୁମାର ରାଉଳ, ଛାତ୍ର କଂଗ୍ରେସ ସଭାପତି ସତ୍ୟବ୍ରତ ପାଣି ପ୍ରମୁଖ କଂଗ୍ରେସ କର୍ମୀମାନେ ହଂସୁଆ ସେତୁ ନିକଟରେ ବିଧାୟକଙ୍କ କୁଶ ପୁତ୍ତଳିକା ଦାହ କରିବା ସହିତ ବିଧାୟକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ବହିଷ୍କାର ଦାବିରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି ବୋଲି ଜେନା କହିଛନ୍ତି।

ସେହିପରି ପଟ୍ଟାମୁଣ୍ଡାଇ ନଗର ଓ ବ୍ଲକ କଂଗ୍ରେସ ପକ୍ଷରୁ ବୁଧବାର ବିଧାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ପ୍ରଥମେ କଂଗ୍ରେସ କର୍ମୀ ଓ ନେତାମାନେ ଏକ ବିରାଟ ଶୋଭା ଯାତ୍ରାରେ ଆସି ଡାକବଙ୍ଗଳା ଛକଠାରେ ପ୍ରଥପ୍ରାନ୍ତ ସଭା କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହାପରେ ସେମାନେ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରିବା ସହ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧକ୍ଷଙ୍କୁ କଡ଼ା ସମାଲୋଚନା କରିଥିଲେ।

ପଟ୍ଟାମୁଣ୍ଡାଇ କଂଗ୍ରେସ କମିଟି ପକ୍ଷରୁ ନଗର ସଭାପତି ଅମୂଲ୍ୟ ପ୍ରଧାନ, ବ୍ଲକ ସଭାପତି ନିମାଇଁ କର, ଜିଲା ଓବିସି ସେଲ୍ ସଭାପତି ମଳୟ ଦାସ, ପିସିସି ସଭ୍ୟ ପ୍ରଦୀପ ପ୍ରଧାନ, ଯଦୁମଣି ଦାସ,ଅବିନାଶ ଲେଙ୍କା, ସନାତନ ବିଶ୍ୱାଳ, କାଉନସିଲର ମଳୟ ଓଝା, ସମ୍ରାଟ ଜେନା, ଆଲୋକ ଧଳ, ନରେଶ ଜେନା, ସମୀର ଜେନା, ଅଶୋକ ମଳିକ ପ୍ରମୁଖ ନେତା ଓ କର୍ମୀ ଏହି ଆନ୍ଦୋଳନରେ ଯୋଗଦେଇଥିଲେ।

ଅନ୍ୟପକ୍ଷେ ବୁଧବାର ସନ୍ଧ୍ୟାରେ ଭାଜପା ପକ୍ଷରୁ ନଗର ମହିଳା ସଭାନେତ୍ରୀ ରଶ୍ମିତା ସାହୁଙ୍କ ନେତୃତ୍ୱରେ ପୁରୁଣା ଡାକବଙ୍ଗଳା ଛକରେ ବିଧାୟକ ସାହୁଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । ସେହିପରି ଶଶୀକାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ପଟ୍ଟାମୁଣ୍ଡାଇ ବାଇପାସ୍ ଛକଠାରେ ବି ବିଧାୟକ ସାହୁଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

ଅପରପକ୍ଷେ ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ନେତାମାନେ କଂଗ୍ରେସ ଓ କଂଗ୍ରେସ ନେତୃତ୍ୱ ଉପରେ ବର୍ଷିଛନ୍ତି। ବ୍ଲକ ବିଜେଡି ଉପସଭାପତି ଗୋବର୍ଦ୍ଧନ ପ୍ରଧାନ, ଉପସଭାପତି ଅରୁଣ କୁମାର ସାହୁ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିଜୟ ନାୟକ, ସାନବଡଗୋପାଳପୁର ସରପଞ୍ଚ ଗୋଲେଖ କୁମାର ସ୍ୱାଇଁ, ବ୍ଲକ ବିଜେଡି ସାଧାରଣ ସମ୍ପାଦକ ନରହରି ଜେନା ପ୍ରମୁଖ କହିଛନ୍ତି ଏକ ନିର୍ଦ୍ଦିଷ୍ଟ ଦଳର ଗଣମାଧ୍ୟମରେ ଭିଡିଓ ଏଡିଟିଂ କରି ବିଧାୟକଙ୍କୁ ବଦନାମ କରିବାକୁ ପ୍ରସାରଣ କରାଯାଉଛି। ଗୋଟିଏ ପରିବାର ୩୭ବର୍ଷ ଶାସନରେ ରହିବା ସହ ଦୁଇଥର ମନ୍ତ୍ରୀ ହୋଇ ଅନେକ କୋଟି ଟଙ୍କାର କଳାଧନ ସଞ୍ଚୟ କରିଛନ୍ତି। ସେଥିପାଇଁ ଲୋକଙ୍କ ଦ୍ୱାରା ପ୍ରତ୍ୟାକ୍ଷିତ ଓ ବିକାଶ ଦେଖି ଛାନିଆ ହୋଇପଡିଥିବା କଂଗ୍ରେସ ଦଳ ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି। ଏହାବାଦ୍ ବିରୋଧି ଦଳ ନେତାଙ୍କ ଜ୍ଞାନର ଅଭାବ ରହିଛି। ଏବେ ଇ-ଟେଣ୍ଡର ମାଧ୍ୟମରେ ପ୍ରକଳ୍ପ ନିମନ୍ତେ ଠିକାଦାର ଚୟନ କରାଯାଇଥାଏ। ଏଲ-୧ ଠିକାଦାର ଯିଏ ହେବ, ସିଏ କାମ କରିବ। ବେଲପାଳ ଆରଆଇ ଅଫିସ ଟେଣ୍ଡର କଟକ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ହେବା ସହ ଠିକାଦାର ଚୟନ କରାଯାଇଛି। ଅନ୍ୟପକ୍ଷେ ରାଜନଗର ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ସୁବାସ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ବେଲପାଳ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପାଇଁ ୧ କୋଟି ୧୬ ଲକ୍ଷ ଟଙ୍କା ୩୭ ହଜାର ଟଙ୍କାର ଟେଣ୍ଡର ପ୍ରଥମେ ୩୧ ଅକ୍ଟୋବର ୨୦୨୨ରେ ଡକା ଯାଇଥିଲା। ଜଣେ ମାତ୍ର ଟେଣ୍ଡର ପକାଇଥିବାରୁ ତାହା ବାତିଲ ହୋଇଥିଲା। ୨ୟ ଟେଣ୍ଡର ୧୪ ଡିସେମ୍ବର ୨୦୨୨ରେ ଡକାଯାଇଥିଲା। କେହି ଭାଗ ନେଇ ନ ଥିଲେ। ୩ୟ ଟେଣ୍ଡର ୧୯ ଜାନୁଆରୀ ୨୦୨୩ରେ ଡକାଯାଇଥିଲା। ୯.୯୯ ଲେସ୍‌ରେ ଅନୁସୂଚିତ ଜାତିର ଠିକାଦାର ଗୋଲେଖ ଚନ୍ଦ୍ର ବେହେରା ଏଗ୍ରିମେଣ୍ଟ କରି କାମ କରୁଛନ୍ତି। କଟକ ସିସିଇ ଆରଡବ୍ଲ୍ୟୁ ସର୍କଲରେ ଏହି ଟେଣ୍ଡର ହୋଇଛି। ସ୍ୱଚ୍ଛତା ପ୍ରକ୍ରିୟାରେ ଟେଣ୍ଡର ହୋଇଛି। କୌଣସି ଫିକ୍ସିଂ ହୋଇନାହିଁ ବୋଲି କହିଛନ୍ତି।



ପଟ୍ଟାମୁଣ୍ଡାଇରେ କଂଗ୍ରେସକର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

# ଗହୀରମଥାରେ ଡଲ୍‌ଫିନ୍‌ଙ୍କ ଜଳକ୍ରୀଡ଼ା

**ମହାକାଳପଡ଼ା, ୧୦।୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

■ ପ୍ରଜନନ ପାଇଁ ଗଭୀର ସମୁଦ୍ରରୁ କୂଳକୁ ଆସୁଛନ୍ତି

■ ଡଲ୍‌ଫିନ ପାଇଁ ବିପଦ ବଡ଼ ଜାହାଜ, ଟ୍ରଲର ଗାଞ୍ଜ ଜାଲ

ଶୀତଋତୁରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନୀଳ ଜଳରାଶିରେ ବିଭିନ୍ନ ପ୍ରଜାତିର ଡଲଫିନଙ୍କ ଜଳ କ୍ରୀଡ଼ା ଦେଖିବାକୁ ମିଳିଛି। ବିଶେଷ କରି ଏବେ ଡଲଫିନମାନଙ୍କ ମିଳନ ସମୟ । ଏଥିପାଇଁ ସେମାନେ ଜଳକ୍ରୀଡ଼ା କରିଥାଆନ୍ତି। ଏହାକୁ ପର୍ଯ୍ୟଟକମାନେ ମନଭରି ଉପଭୋଗ କରୁଛନ୍ତି । ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଦଳ ଦଳ ହୋଇ ମାଦଳି, ଅଗରନାଶି, ସାତ ଭାୟା, ହାବେଳି ଖଟି, ବାବୁ ବାଲି, ଏକ କୁଳାନାଶି, ହୁକଟୋଲା, ବରୁଣେଇ ମାଉଥ, ଲଞ୍ଚ ଘୋଲା, ମହାନଦୀ ମାଉଥରେ ଡଲଫିନ୍‌ମାନେ ଜଳ କ୍ରୀଡା କରୁଥିବା ଦେଖିବାକୁ ମିଳୁଛି। ଏହି ଜଳକ୍ରୀଡ଼ା ସମୟରେ ବଡ଼ ଜାହାଜ ମାଡ଼, ଟ୍ରଲରମାନଙ୍କ ଗାଞ୍ଜି ଜାଲରେ ଛନ୍ଦି ହେଲେ ସେମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥାଏ ବୋଲି ପରିବେଶବିତ୍ ସମରେନ୍ଦ୍ର ମାହଳି କହିଛନ୍ତି। ଏହି ନୀଳ ଜଳରାଶିରେ ବିଶେଷ କରି ବଟରନୋଜ, ହମ୍ପବେକ, ଇରାୱାଡ଼ି, ଷ୍ଟିପେଡ ଓ ଗାଙ୍ଗେଟିକ ଆଦି ପ୍ରଜାତିର ଡଲଫିନ ଦେଖିବକୁ ମିଳେ। ଏହି ସମୟରେ ଧାମରା ମୁହାଁଣଠାରୁ ମହାନଦୀ ମୁହାଁଣ ୧୪୨୦ ବର୍ଗ କି.ମି. ପର୍ଯ୍ୟନ୍ତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଅଧିକ ସଂଖ୍ୟକ ଡଲ୍‌ଫିନ ଦେଖାଯାଇଥାଆନ୍ତି।

ଶୀତଋତୁ ପ୍ରାରମ୍ଭରୁ ଗଭୀର ସମୁଦ୍ର ଗର୍ଭରୁ ପ୍ରଜନନ ପାଇଁ କୂଳ ଅଭିମୁଖେ ଡଲ୍‌ଫିନ ଆଗମନ ହୋଇଥାନ୍ତି । ପୂର୍ବ ଅପେକ୍ଷା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଡଲ୍‌ଫିନ ସଂଖ୍ୟା ବୃଦ୍ଧି ପାଇବା ଆଶା ସଞ୍ଚାର ହେଇଛି ବୋଲି ବିଭାଗୀୟ ଅଧିକାରୀ ମତବ୍ୟକ୍ତ କରିଛନ୍ତି। ଏମାନଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ବନ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରିବାକୁ ସାମୁଦ୍ରିକ ଜୀବଜନ୍ତୁ , ବନ୍ୟଜୀବ ଓ ଆଦ୍ରଭୂମି ସୁରକ୍ଷା ଉପରେ କାର୍ଯ୍ୟ କରୁଥିବା ଲକ୍ଷ୍ମୀକାନ୍ତ ସ୍ୱାଇଁ , ବିରଞ୍ଚି ନାରାୟଣ ଦାସ, ସୁବାସ ସ୍ୱାଇଁ ପ୍ରମୁଖ ଗୁରୁତ୍ୱାରୋପ କରିଛନ୍ତି।

ସୂଚନା ଅନୁଯାୟୀ, ପୂର୍ବ ବର୍ଷ ଡଲଫିନ ଗଣନାରେ ୫ ଶହରୁ ଅଧିକ ସଂଖ୍ୟାରେ ବିଭିନ୍ନ ପ୍ରଜାତିର ଡଲଫିନ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଚିହ୍ନଟ ହୋଇଛନ୍ତି । ଚଳିତ ବର୍ଷ ସେହି ସଖ୍ୟା ଅଧିକ ବୋଲି ପରିବେଶ ପ୍ରେମୀ ମତବ୍ୟକ୍ତ କରିଛନ୍ତି। ସାରା ରାଜ୍ୟରେ ଅଲିଭ ରିଡ଼ଲେ କଇଁଛଙ୍କ ପରେ ଡଲଫିନମାନଙ୍କ ସୁରକ୍ଷିତ ଓ ନିରାପଦ ଅନ୍ତୁଡ଼ିଶାଳ ପାଲଟିଛି ଗହୀରମଥା। ଏହା ଆମ ଜିଲା ଓ ରାଜ୍ୟ ପାଇଁ ଶୁଭଙ୍କର। ତେବେ ଡଲଫିନ ମାନଙ୍କ ବଂଶ ବିସ୍ତାର ଓ ସୁରକ୍ଷା ପାଇଁ ବନ ବିଭାଗ ଓ ସ୍ଥାନୀୟ ଅଞ୍ଚଳର ମତ୍ସ୍ୟଜିବୀମାନେ ଯତ୍ନବାନ ହେବା ଉଚିତ୍ ବୋଲି ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ଗହୀରମଥା ରେଞ୍ଜ ଅଧିକାରୀ ପ୍ରଦୋଷ କୁମାର ମହାରଣାଙ୍କୁ ପଚାରିବାରୁ ଚଳିତ ମାସ ତୃତୀୟ ସପ୍ତାହରେ ଡଲଫିନ ଗଣନା କରାଯିବ ବୋଲି ସେ କହିଛନ୍ତି।


ଗହୀରମଥା ସମୁଦ୍ରରେ ଡଲଫିନ୍ ।

# ନିଅଁରେ ବ୍ୟବହାର ହେଉଛି ପାଉଁଶ ଇଟା

■ଦକ୍ଷିଣକାଳୀ ମନ୍ଦିର ନିର୍ମାଣର ସ୍ଥାୟିତ୍ୱ ନେଇ ପ୍ରଶ୍ନ
■ନିମ୍ନମାନର କାର୍ଯ୍ୟକୁ ନେଇ ଭକ୍ତଙ୍କ ଉଦ୍‌ବେଗ

ନୟାଗଡ଼,୧୦।୧(ଲୋକନାଥ ମିଶ୍ର)

ନୟାଗଡ଼ ପୁରୁଣା ସହରର ପ୍ରତ୍ୟକ୍ଷ ଦେବୀ ମା'ଦକ୍ଷିଣକାଳୀଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ମନ୍ଦିର ନିର୍ମାଣ ପାଇଁ ନିଅଁରେ ପାଉଁଶ ଇଟା ବ୍ୟବହାର କରାଯାଉଥିବାରୁ ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି । ନିଅଁ ଖୋଳାରୁ ମନ୍ଦିରର ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ଉଠିବା ପରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ମନ୍ଦିର ନିର୍ମାଣ ପାଇଁ ୩ କୋଟି ୫୦ ଲକ୍ଷ ମଞ୍ଜୁର ହୋଇଛି । ମା'ଙ୍କ କାମ ପାଇଁ ଅର୍ଥର ଅଭାବ ନ ଥିବାବେଳେ କାମ ଠିକ ନ ହେବା ନେଇ ଧିରେ ଧିରେ ପ୍ରତିବାଦ ଉଠୁଛି ।

ଏନେଇ ଭକ୍ତ ଭବାନୀ ଦାଶ କୁହନ୍ତି, ନିଅଁରେ ବଉଳମାଳା ପଥର କିମ୍ବା କଳାମୁଗୁନି ପଥର ବ୍ୟବହାର କରାଯିବା ଦରକାର। ପାଉଁଶ ଇଟା ବ୍ୟବହାର କରିବା ଠିକ୍ ନୁହେଁ । ମା'ପ୍ରତ୍ୟକ୍ଷ ଠାକୁରାଣୀ। ମା'ଙ୍କ କାର୍ଯ୍ୟରେ ଅବହେଳା ହେଲେ ମା'ସେମାନଙ୍କ କଥା ବୁଝିବେ। ମନ୍ଦିର ପରି ଏକ ଧାର୍ମିକ ଅନୁଷ୍ଠାନରେ କାମର ମାନ ଉପରେ କେହି ପ୍ରଶ୍ନ ଯେପରି ନ କରିବେ ସେନେଇ କାମ କରିବା ଦରକାର। କାମ ଆରମ୍ଭରୁ ନିମ୍ନମାନର କାମ ହେଉଥିବାର ଅନୁଭବ ହେଲାଣି। ଭକ୍ତ ସ୍ୱରୂପ ପଟ୍ଟନାୟକ କୁହନ୍ତି, ଦକ୍ଷିଣ କାଳୀ ଠାକୁରାଣୀଙ୍କ ମନ୍ଦିର ଭଲ କାମ ହେବା ଦରକାର । ତେବେ କାମର ପ୍ରାରମ୍ଭରୁ ନିଅଁରେ ପାଉଁଶ ଇଟା ବ୍ୟବହାର ଦେଖି ଭକ୍ତ ଅସନ୍ତୋଷ ବ୍ୟକ୍ତ କଲେଣି । ପାଉଁଶ ଇଟା ହଟାଇ କଳା ମୁଗୁନି ଅଥବା ବଉଳା ମାଳା ପଥର ବ୍ୟବହାର କରାଯାଉ । ନଚେତ ଖୁବ୍‌ଶୀଘ୍ର ଆନ୍ଦୋଳନ ହୋଇପାରେ । ଭକ୍ତ ମନସ୍ୱିନୀ ମିଶ୍ର କୁହନ୍ତି, ଦକ୍ଷିଣକାଳୀ ମନ୍ଦିର ଏକ ପର୍ଯ୍ୟଟନ ପୀଠ । ପୁଣି ପ୍ରସିଦ୍ଧ ଠାକୁରାଣୀ । ମା'ଙ୍କ ମନ୍ଦିର କାମ ନିମ୍ନମାନର କଲେ ମା ଦକ୍ଷିଣ କାଳୀ ଅସନ୍ତୋଷ ବ୍ୟକ୍ତ କରିବେ । ନିର୍ମାଣକାରୀ ହଇରାଣ ହେବେ । ମା'ଙ୍କ କାର୍ଯ୍ୟ ଠିକ୍ ଭାବେ କରାଯିବା ଦରକାର । ଜଣେ ମହିଳା ଭକ୍ତ ନିଜ ନାମ ଗୋପନ ରଖି କହିଛନ୍ତି ମା'ଦକ୍ଷିଣକାଳୀଙ୍କର ଗର୍ଭଗୃହ ଭଙ୍ଗାଯିବାର ନ ଥିଲା । ମନ୍ଦିର ଉନ୍ନୟନକୁ ବିରୋଧ ନାହିଁ । ତେବେ ଗଞ୍ଜାମର ତାରାତାରିଣୀ ଢ଼ାଞ୍ଚାରେ କରାଯାଇଥିଲେ ଭଲ ହୋଇଥାନ୍ତା । ଗର୍ଭଗୃହ ଭଙ୍ଗାଯିବାରୁ ମା'ଙ୍କ ଉପରେ ଖରା ପଡୁଛି । ଯାହା ଠିକ୍ ନୁହେଁ । ପ୍ରତ୍ୟକ୍ଷ ଦେବୀ ହେଉଛନ୍ତି ମା'ଦକ୍ଷିଣକାଳୀ । ଏଭଳିସ୍ଥଳେ ପାଉଁଶ ଇଟାରେ ମନ୍ଦିରର ଭିତିପ୍ରସ୍ତର କାର୍ଯ୍ୟ କରାଯିବା ଠିକ ନୁହେଁ । ମନ୍ଦିର କାର୍ଯ୍ୟ ନେଇ ନୟାଗଡ଼ ପୁରୁଣା ସହରରେ ଅସନ୍ତୋଷ ପ୍ରକାଶ ପାଇଲାଣି । ମୁହଁରେ କେହି କହିବାକୁ ଚାହୁଁ ନାହାନ୍ତି । ତେବେ ମନ୍ଦିକର କାର୍ଯ୍ୟ ଦେଖି କେତେଜଣ ଲୋକ ବିରୋଧ କରୁଛନ୍ତି । ଏଣୁ ତୁରନ୍ତ ପାଉଁଶ ଇଟା ବନ୍ଦ କରି କଳାମୁଗୁନି ପଥର ଅଥବା ବଉଳମାଳା ପଥରେ କାମ କରାଯାଉ ବୋଲି କହିଛନ୍ତି । ଦକ୍ଷିଣକାଳୀ ମନ୍ଦିରର ସଭାପତି କୁସୁନୁ ଦାସ କୁହନ୍ତି, ନିଅଁ ଭିତରେ ଦେଢ଼ ଫୁଟର ବିମ୍ ରହିବ । ପାଉଁଶ ଇଟା ଦେଲେ କିଛି ଅସୁବିଧା ହେବନି। ମନ୍ଦିରର ପ୍ରେସର ବିମରେ ରହିବ। ମନ୍ଦିର ବଉଳମାଳା ପଥରେ ହେବ। ନିଅଁ ଭିତରେ ପାଉଁଶ ଇଟା ବ୍ୟବହାର କରିବା ଦ୍ୱାରା କାମ ନିମ୍ନମାନର କହିବା ଠିକ୍ ନୁହେଁ ବୋଲି କହିଛନ୍ତି ।


ମନ୍ଦିର ନିର୍ମାଣ ପାଇଁ ବ୍ୟବହାର ହେଉଥିବା ଇଟା।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅର୍ଜୁନ


@ ଦେବାଶିଷ


@ ଶ୍ରାବଣୀ


@ ଦୀପକ


@ ଶାନ୍ତିଲତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କଂସା ପିତଳ ସମବାୟ ସମିତିର ବାର୍ଷିକ ସାଧାରଣ ସଭା

ଖଣ୍ଡପଡ଼ା,୧୦।୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ କଣ୍ଟିଲୋ ପଞ୍ଚାୟତ ଅଧିନ ପାଣୁସାହୁ ପାଟଣାସ୍ଥିତ ବାପୁଜୀ କଂସା ପିତଳ ସମବାୟ ସମିତିର ବାର୍ଷିକ ସାଧାରଣ ସଭା ମା' ଶୁଳିଆ ଠାକୁରାଣୀଙ୍କ ପୀଠରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଦଣ୍ଡପାଣି ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୟାଗଡ ଜିଲା ହସ୍ତଶିଳ୍ପ ସହ ନିର୍ଦ୍ଦେଶକ ବାସୁଦେବ ଘଡେଇ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଭୁବନେଶ୍ୱରସ୍ଥିତ ଉତ୍କଳିକାର ପୂର୍ବତନ ଶାଖା ପରିଚାଳକ ସୁରେନ୍ଦ୍ର କୁମାର ନନ୍ଦ ଯୋଗ ଦେଇ ସାଂପ୍ରତିକ ପରିସ୍ଥିତିରେ କଣ୍ଟିଲୋ ଅଞ୍ଚଳରେ ରହିଥିବା କଂସା ପିତଳ କାରିଗରମାନେ କାମଧନ୍ଦା ଅଭାବରୁ କିପରି ଅଭାବନୀୟ ପରିସ୍ଥିତି ମଧ୍ୟରେ ଗତି କରୁଛନ୍ତି । ସେ ସଂପର୍କରେ ଉପସ୍ଥିତ କଂସା, ପିତଳ କାରିଗରମାନଙ୍କ ଠାରୁ ଅବଗତ ହେବା ପରେ ଏହାର ପ୍ରତିକାର ଦିଗରେ ଆଲୋଚନା କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀପତି ମହାରଣା, ନିଖିଳ ଉତ୍କଳ କଂସାରୀ ସମାଜର କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ମହାରଣା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସମସ୍ତ କଂସାରୀ କାରିଗର ଏକାଠି ହୋଇ ବିଭିନ୍ନ ସମସ୍ୟାକୁ ହସ୍ତଶିଳ୍ପ ବିଭାଗ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରି ପଦକ୍ଷେପ ଗ୍ରହଣ କରିବାକୁ ଅଖିଳ କୁମାର ମହାରଣାଙ୍କ ନେତୃତ୍ୱରେ ଏକ ଅସ୍ଥାୟୀ କମିଟି ଗଠନ କରାଯାଇଥିଲା । ଶ୍ରୀପତି ମହାରଣାଙ୍କ ଆବାହକତ୍ୱରେ ଗଠନ କରାଯାଇଥିବା ଏହି କମିଟି ମଧ୍ୟରେ ହସ୍ତଶିଳ୍ପ ସହ ନିର୍ଦ୍ଦେଶକଙ୍କ ସହଯୋଗୁ କ୍ରମେ ଦଣ୍ଡପାଣି ସାହୁ, ମୃତ୍ୟୁଞ୍ଜୟ ସାହୁ, ଯତୀନ୍ଦ୍ର ମହାରଣା, ଯୁଧିଷ୍ଠିର ସାହୁ, ପ୍ରଭାକର ଶିରୋମଣି, ଅଶୋକ କୁମାର ମହାରଣା, ସନ୍ତୋଷ କୁମାର ମହାରଣା,ଅଖିଳ କୁମାର ସାହୁଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । କାରିଗରମାନଙ୍କ ପୂର୍ବ ଗୌରବ ଫେରାଇ ଆଣିବା ପାଇଁ କାରିଗରମାନଙ୍କୁ ବିଶ୍ୱକର୍ମା ଯୋଜନାରେ ଅନ୍ତର୍ଭୁକ୍ତ କରି ପରବର୍ତ୍ତୀ ପର୍ଯ୍ୟାୟରେ ସମସ୍ତ କଂସା ପିତଳ କାରିଗର ଆଗେଇ ଆସିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଶେଷରେ ଅନୁଷ୍ଠାନର ସଭାପତି ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।


ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା କଂସା ପିତଳ ସମବାୟ ସମିତିର କର୍ମକର୍ତ୍ତା ।

# ୫ ପଞ୍ଚାୟତରେ ଅର୍ପଣ ରଥକୁ ସ୍ୱାଗତ


ଅର୍ପଣ ରଥକୁ ଗ୍ରାମବାସୀ ସ୍ୱାଗତ କରୁଛନ୍ତି।

ନୟାଗଡ଼,୧୦।୧(ଲୋକନାଥ ମିଶ୍ର)

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ କାର୍ଯ୍ୟକ୍ରମ ତଥା ପରିକ୍ରମା ଉତ୍ସବ ପାଇଁ ଶ୍ରୀମନ୍ଦିର ପ୍ରଶାସନ ଆନୁକୂଲ୍ୟରେ ପ୍ରତି ଗାଁରେ ଶ୍ରୀ ଜଗନ୍ନାଥଙ୍କ ରଥ ପରିଭ୍ରମଣ କରୁଛି । ବୁଧବାର ନୟାଗଡ଼ ବ୍ଲକ କ୍ରିଦାଶପୁର,ଚଣ୍ଡିବସ୍ତ, ଲେଙ୍କୁ ବିରୁଡ଼ା ଓ କାଳିକା ପ୍ରସାଦ ପରି ୫ ପଞ୍ଚାୟତରେ ଅର୍ପଣରଥ ପରିକ୍ରମା କରିଛି। କ୍ରିଦାଶପୁର ପଞ୍ଚାୟତର କୋଶକା, ଗବଡିହ, ମାଳତିପୁର,ଡିମିରିପାଟଣା, କୋଡ଼ିଏ କାହାଣିଆ, ଯୌତୁକପାଟଣା, କାଞ୍ଚନବିଲି ଗାଁକୁ ରଥ ପରିକ୍ରମା କରି ଗୁଆ, ଅରୁଆ ଚାଉଳ ସଂଗ୍ରହ କରିଛି । କ୍ରିଦାଶପୁର ପଞ୍ଚାୟତ ସରପଞ୍ଚ ସଞ୍ଜୁବାଳା ବିଶ୍ୱାଳ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଦାଶ ରଥ ଶୁଭାରମ୍ଭ କରିଥିଲେ । ସେହିଭଳି କୋସକା ଗ୍ରାମଠାରୁ ଅନ୍ୟ ଏକ ରଥକୁ ପୂର୍ବତନ ସରପଞ୍ଚ ଦୃତିବାମନ ବେହେରା, ଯୁବ ବିଜେଡି ସଭାପତି ମାନସ କୁମାର ପଣ୍ଡା ପ୍ରମୁଖ ଶୁଭାରମ୍ଭ କରିଥିଲେ । ଦୁଇଟି ରଥ ପଞ୍ଚାୟତର ପ୍ରତ୍ୟେକ ଗାଁ ପରିଭ୍ରମଣ କରିଥିଲା । ଲୋକମାନେ ନିଜ ଘର ସାମ୍ନାରେ କଳସ ବସାଇ, ଦୀପ ଜାଳି ଶ୍ରୀଜଗନ୍ନାଥଙ୍କ ରଥକୁ ସ୍ୱାଗତ କରିଥିଲେ । ପ୍ରତ୍ୟେକ ପରିବାର ଉତ୍କଣ୍ଠାର ସହ ଗୁଆ, ଅରୁଆ ଚାଉଳ ଅର୍ପଣ କରିଥିଲେ । ପ୍ରତ୍ୟେକ ଗାଁ ତରଫରୁ ସଂକୀର୍ତ୍ତନ ଦଳ ଶ୍ରୀ ଜଗନ୍ନାଥ ରଥକୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପଞ୍ଚାୟତର ସମସ୍ତ ଅଙ୍ଗନୱାଡି କର୍ମୀ, ସିଆରପି, ବ୍ୟାଙ୍କମିତ୍ରଙ୍କ ସମେତ ଅନେକ ମହିଳା ସାମିଲ ହୋଇଥିଲେ। କ୍ରିଦାଶପୁରରେ କଞ୍ଚନବେଲିର ବାଲୁଙ୍କେଶ୍ୱର ମନ୍ଦିର, ଚଣ୍ଡିବସ୍ତରେ ମଙ୍ଗରାଜପୁରର ବାଲୁଙ୍କେଶ୍ୱର ମନ୍ଦିର, ଲେଙ୍କୁରେ ମା'ଶୂଳିଆ ମନ୍ଦିର, ବିରୁଡ଼ାରେ ଧବଳେଶ୍ୱର ମନ୍ଦିର, ପାଣ୍ଡେରୀପାଟଣା ଓ କାଳିକା ପ୍ରସାଦ ପଞ୍ଚାୟତର ରାମ ମନ୍ଦିର ମାନପୁରଠାରେ ପୂଜାର୍ଚ୍ଚନା ହୋଇଥିଲା।

# ପରୀକ୍ଷା ଦେଇ ଫେରୁଥିବା ବେଳେ ବସ୍ ଧକ୍କାରେ ଛାତ୍ରୀ ମୃତ

ଖଣ୍ଡପଡ଼ା,୧୦।୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କୁମ୍ଭାରପଡ଼ା ପଞ୍ଚାୟତ ଜାକେଲା ଗ୍ରାମ ନିକଟରେ ଏକ ଯାତ୍ରୀବାହୀ ବସ ଧକ୍କାରେ ଜଣେ କଲେଜ ଛାତ୍ରୀ(ବିବାହିତା)ଙ୍କ ମୃତ୍ୟୁ ଘଟିଛି । ମୃତ ଛାତ୍ରୀଙ୍କ ନାମ ରଞ୍ଜିତା ବେହେରା(୩୪), ତାଙ୍କ ଘର ଗଣିଆ ଥାନା ଅଧୀନ କଳାଶିମିଳି ଗ୍ରାମରେ । ରଞ୍ଜିତା କୁମ୍ଭାରପଡା ଶ୍ରୀ ଶ୍ରୀ ଲଡୁକେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବେଳେ ବୁଧବାର ଅପରାହ୍ନରେ ସେ ସ୍କୁଟି ଯୋଗେ ନିଜ ସହପାଠୀ ଦଶପଲ୍ଲା ଅଞ୍ଚଳର ମୋନାଲିସାଙ୍କ ସହ ଏଜୁକେଶନ ପ୍ରାକ୍ଟିକାଲ ପରୀକ୍ଷା ଦେଇ କଲେଜରୁ ଗ୍ରାମ ଅଭିମୁଖେ ଫେରୁଥିବା ବେଳେ ଜାକେଲା ନିକଟ ମୁଖ୍ୟ ରାସ୍ତାରେ ଆଡକଟା ପଟୁ ଆସୁଥିବା ପ୍ରିନ୍ସ ନାମକ ଏକ ଯାତ୍ରୀବାହୀ ବସ ସହ ତାଙ୍କ ଗାଡ଼ିର ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣା ସ୍ଥଳରେ ରଞ୍ଜିତାଙ୍କ ମୃତ୍ୟୁ ହୋଇଥିବା ବେଳେ ପଛରେ ବସିଥିବା ସହପାଠୀ ମୋନାଲିସା ଗୁରୁତର ଆହାତ ହୋଇଛନ୍ତି । ଦୁର୍ଘଟଣା ପରେ ରାସ୍ତା ଉପରେ ବସଟି ଅଟକି ରହିଥିବା ବେଳେ ଘଟଣାସ୍ଥଳରେ ଉତେଜନା ପ୍ରକାଶ ପାଇଥିଲା । ଖଣ୍ଡପଡ଼ା ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।



ଦୁର୍ଘଟଣା ପରେ ଲୋକମାନେ ରାସ୍ତା ଅବରୋଧ କରିଛନ୍ତି।

# ୩୦ ହଜାର ଟଙ୍କାର ଶାଗୁଆନ ପଟା ଜବତ

**ଓଡ଼ଗାଁ,୧୦।୧ (ଆଦର୍ଶ କୁମାର ପଟ୍ଟନାୟକ):** ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବନ ଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ବନ ବିଭାଗ ବୁଧବାର ଅପରାହ୍ନ ୪ ଟାରେ ରୋହିବାଙ୍କ କୁମୁଟି ସାହିରେ ଚଢାଉ କରିଥିଲା । ଏହି ସମୟରେ ଏକ ବାରିରେ ବଢେଇ ଶାଳ ଚାଲିଥିବା ବେଳେ ବନ କର୍ମଚାରୀଙ୍କୁ ଦେଖି ସେଠାରେ କାମ କରୁଥିବା ବଢେଇମାନେ ଫେରାର ହୋଇଯାଇଥିଲେ । ସେଠାରୁ ବନ ବିଭାଗ ୮୦ ଖଣ୍ଡ ବିଭିନ୍ନ ସାଇଜର ଶାଗୁଆନ ପଟା, ଓ ଅର୍ଦ୍ଧ ନିର୍ମିତ କେତେକ କାଠ ସମାଗ୍ରୀ ଜବତ କରିଥିଲେ । ଏହା ସହିତ କେତେକ ବଢେଇ ସରଞ୍ଜାମ ଜବତ କରାଯାଇଛି । ବନାଚଂଳ ଅଧିକାରୀ ନିଖିଳେଶ ମଲିକଙ୍କ ସହିତ ବନପାଳ ସରିତା ବରାଳ ଏବଂ ଜଙ୍ଗଲ ସୁରକ୍ଷା କର୍ମଚାରୀ ଚଢାଉରେ ସାମିଲ ହୋଇଥିଲେ । ଜବତ କାଠର ମୂଲ୍ୟ ୩୦ ହଜାର ଟଙ୍କା ହେବ ବୋଲି ବନ ଅଧିକାରୀ କହିଛନ୍ତି ।

# ନୀଳମାଧବ ବିକାଶ ପ୍ରକଳ୍ପ କାମ ଦେଖିଲେ ରାଜସ୍ୱ ବିଭାଗ ଡିଭିଜନାଲ କମିଶନର

ଖଣ୍ଡପଡ଼ା,୧୦।୧(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବରେ ପରିଚିତ କଂଟିଲୋର ଶ୍ରୀ ନୀଳମାଧବ ପୀଠରେ ଚାଲିଥିବା ବିକାଶ ପ୍ରକଳ୍ପ କାର୍ଯ୍ୟକୁ ବୁଧବାର ପରିଦର୍ଶନ କରିଛନ୍ତି କଟକ ରାଜସ୍ୱ ବିଭାଗ ଡ଼ିଭିଜନାଲ କମିଶନର ସୁରେଶ ଦଳେଇ । ସକାଳେ ଦଳେଇ ନୟାଗଡ଼ ଉପଜିଲାପାଳ ଶକ୍ତିକାନ୍ତ ରାୟଙ୍କ ସହ କଣ୍ଟିଲୋ ପରିଦର୍ଶନରେ ଆସ ପ୍ରଥମେ ଶ୍ରୀ ନୀଳମାଧବଙ୍କୁ ଦର୍ଶନ କରିବା ପରେ ମନ୍ଦିର ପଶ୍ଚିମ ପାର୍ଶ୍ୱରେ ନିର୍ମାଣଧୀନ ଲିଫ୍ଟ, ପାବଚ୍ଛ, ଶ୍ରେଣୀ, ମନ୍ଦିର ପରିସରରେ ଚାଲିଥିବା ନିର୍ମାଣ କାର୍ଯ୍ୟ ଓ ଠାକୁରଙ୍କ ଚନ୍ଦନ ପୋଖରୀ ନବୀକରଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଉପସ୍ଥିତ ଥିବା ସଂପୃକ୍ତ ବିଭାଗୀୟ ଅଧିକାରୀ ପ୍ରସନ୍ନ କୁମାର ବଳବନ୍ତରାୟ ଓ ଅନ୍ୟମାନଙ୍କୁ ପଚାରି ବୁଝିବା ସହିତ ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଶେଷରେ ସ୍ଥାନୀୟ ପୂର୍ତ୍ତ ବିଭାଗ ପରିଦର୍ଶନ ବଙ୍ଗଳା ଠାରେ ଭାପୁର ତହସିଲଦାର ଲଗ୍ନଜିତ ବେହେରା, ନୀଳମାଧବ ପୂଜକ ସମାଜର ସମ୍ପାଦକ ନୀଳମାଧବ ମିଶ୍ର ଓ ଅନ୍ୟାନ୍ୟ ସେବାୟତଙ୍କ ସମେତ ଖବରଦାତା ପ୍ରଭାକର ଶିରୋମଣି, କଣ୍ଟିଲୋ ରାଜସ୍ୱ ନୀରିକ୍ଷିକା ପଙ୍କଜିନୀ ମାଝି ଏବଂ ସଂପୃକ୍ତ କମ୍ପାନୀ କର୍ମଚାରୀଙ୍କ ସହ ଆଲୋଚନା କରି ଫେରିଯାଇଥିବା ଜଣାଯାଇଛି ।


ରାଜସ୍ୱ ବିଭାଗର ଡିଭିଜନାଲ କମିଶନର ବିକାଶ ପ୍ରକଳ୍ପ ବୁଲି ଦେଖୁଛନ୍ତି।

# ବ୍ଲକସ୍ତରୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମାବେଶ

ଖଣ୍ଡପଡ଼ା,୧୦।୧(ଅଜୟ କୁମାର ମହାରଣା)

ପ୍ରତ୍ୟେକ ହାଇସ୍କୁଲରେ କିଭଳି ଗୁଣାତ୍ମକ ଶିକ୍ଷାଦାନ ହୋଇ ପାରିବ ସେ ନେଇ ରାଜ୍ୟ ସରକାର ଏବେ ଏହାର କାର୍ଯ୍ୟକାରିତା ନେଇ ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କର ସମାବେଶ ଆୟୋଜନ କରାଯାଉଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଯୋଜନା କ୍ରମେ ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳୀପୁର ଉଚ୍ଚ ବିଦ୍ୟାଳୟରେ ବୁଧବାର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ନେଇ ଏକ ସମାବେଶ ଅନୁଷ୍ଠିତ ହୋଇଛି । ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କରଙ୍କ ପୌରୋହିତ୍ୟରେ ଆୟୋଜିତ ସମାବେଶରେ ଏବିଇଓ କଳିଙ୍ଗ ଚନ୍ଦ୍ର ନାୟକ, ପ୍ରଦୀପ କୁମାର ସାହୁ, ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦ, ବନମାଳୀପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନକୁଳ ଖୁଣ୍ଟିଆ, ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଶ୍ମି ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାର ଉଚ୍ଚ ବିଦ୍ୟାଳୟ ଗୁଡିକୁ ୫-ଟି ରୁପାନ୍ତରୀକରଣ ଯୋଜନାରେ ଉନ୍ନତୀକରଣ କରିବା ପରେ ପ୍ରତ୍ୟେକ ଉଚ୍ଚ ବିଦ୍ୟାଳୟରେ କିଭଳି ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ଏହାଛଡା ସରକାରଙ୍କ ଶିକ୍ଷାଦାନ ସମ୍ପର୍କୀତ ବିଭିନ୍ନ ଯୋଜନାଉପରେ ଆଲୋକପାତ କରିଥିଲେ । ସେହିପରି ପ୍ରତ୍ୟେକ ବିଦ୍ୟାଳୟରେ ଗଠନ କରାଯାଇଥିବା ଜିଜ୍ଞାସା, ସାହିତ୍ୟ ସୃଜନୀ, କୌଶଳୀ ଓ କ୍ରୀଡାଙ୍ଗନ କ୍ଲବ ଗୁଡିକର ସୁପରିଚାଳନା, ଶିକ୍ଷାଦାନ ବ୍ୟବସ୍ଥା ସମ୍ପର୍କରେ କର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ମାର୍ଗଦର୍ଶନ କରିଥିଲେ । ଖଣ୍ଡପଡା ଓଡିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ମନୋଜ କୁମାର ବିଶ୍ୱାଳଙ୍କ ସମେତ ୩୦ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗ ଦେଇଥିଲେ ।



ସମାବେଶରେ ଯୋଗ ଦେଇଥିବା ଅତିଥିମାନେ।

## ସଂକ୍ଷେପରେ

### ବରୁଣେଇ ସମବାୟ ସମିତିରେ ଖୋଲିଲା ଧାନ ମଣ୍ଡି

ବିଞ୍ଝାରପୁର,୧୦।୧(ରାମକୃଷ୍ଣ ଦାସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବରୁଣେଇ ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ବୁଧବାର ଧାନ ମଣ୍ଡି ଖୋଲିଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଦାସ, ଅତିଥିଭାବେ ପ୍ରଶାସକ ନିରଞ୍ଜନ ମାଝି, ସରପଞ୍ଚଙ୍କ ପ୍ରତିନିଧି ତରଙ୍ଗ ସାହୁ, ସମିତିସଭ୍ୟଙ୍କ ପ୍ରତିନିଧି କାଜଲ ସାହୁ ,ପର୍ଶୁରାମ ସାହୁ, ଶରତ ସାହୁ, ବିଶ୍ୱନାଥ ସାହୁ, ବଳରାମ ଗୋଛାୟତ, ଆରଏମ୍‌ସି ଅଧିକାରୀ ଅମୂଲ୍ୟ ନାୟକ ଓ ସମ୍ପାଦକ ମାନସ ରଞ୍ଜନ କବି ପ୍ରମୁଖ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଚାଷୀ ମଣ୍ଡିରେ ସରକାରୀ ଧାର୍ଯ୍ୟ ମୂଲ୍ୟରେ ଧାନ ବିକ୍ରୟ କରି ଲାଭବାନ ହେବେ ବୋଲି ସମ୍ପାଦକ ମାନସ ରଞ୍ଜନ କବି ପ୍ରକାଶ କରିଥିଲେ।

### ନୂତନ ସ୍କୁଲ୍ ପରିଚାଳନା କମିଟି ଗଠିତ

ବଡ଼ଚଣା,୧୦।୧(ଦିଲୀପ କୁମାର ମହାନ୍ତି): ଚଣ୍ଡିଖୋଲ ସନ୍ନିକଟ ଚାରିବାଟିଆ ଗଣପତି ଜ୍ଞାନମନ୍ଦିରର ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ଏଥିରେ ସଭାପତିଭାବେ ଡ. ସୁଧୀର ଚନ୍ଦ୍ର ସାମଲ, ସମ୍ପାଦକଭାବେ ରଙ୍ଗଲତା ପରିଡ଼ା ମନୋନୀତ ହୋଇଛନ୍ତି। ଏନେଇ ଖବରଦାତା ଅଭିମନ୍ୟୁ ଧଳଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପ୍ରଧାନଶିକ୍ଷକ ଚନ୍ଦ୍ରମଣି ସାମଲ, ପରିଚାଳନା କମିଟି ସଭ୍ୟ ପ୍ରସନ୍ନ ବିଶ୍ୱାଳ, ପ୍ରଶାନ୍ତ ଜେନା, ମୋହନ ଖିଲାର, ସଭ୍ୟା ନାମିତ ଜେନା, ଗୁରୁମା ରାଜଶ୍ରୀ ସାହୁ, ଦୀପ୍ତିମୟୀ ବିଶ୍ୱାଳ, ସୌଦାମିନୀ ରାୟ, ପ୍ରିୟମ୍ବଦା ସାମଲ, ଦେବସ୍ମିତା ନାଥ, ସବିତା ଘଡ଼ାଇ ଓ ଅନ୍ନପୂର୍ଣ୍ଣା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ତରଫରୁ ନୂତନ ସଭାପତି ଓ ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁମା ଅନିମା ଗୋଛାୟତ ଧନ୍ୟବାଦ ଦେଇଥିଲେ।

### ରାଜପଥରେ ବୁଲୁଥିବା ମହିଳାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର

ପାଣିକୋଇଲି,୧୦।୧(ବିକାଶ କୁମାର ମଲିକ) ଯାଜପୁର ଜିଲା ପାଣିକୋଇଲି ଥାନା ଅଧୀନ ୧୬ନଂ.ଜାତୀୟ ରାଜପଥର ସିଙ୍ଗଡା ଓଭରବ୍ରିଜ୍ ନିକଟରୁ ଜଣେ ମହିଳାଙ୍କୁ ଉଦ୍ଧାର କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳର କୁନି ମୁଣ୍ଡା(୩୭)ଯାଜପୁରରୋଡର ଏକ ହୋଟେଲରେ ରହି କାମ କରୁଥିଲେ । କୌଣସି କାରଣରୁ ସେ ସେଠାରୁ ପଳାଇ ଆସି ରାଜପଥରେ ବୁଲୁଥିଲେ । ତାଙ୍କୁ ଦେଖି କେତେଜଣ ଯୁବକ ତାଙ୍କ ପିଛା କରିଥିଲେ । ଏହି ସମୟରେ ସେହିବାଟ ଦେଇ ଯାଉଥିବା 'ଆମେ ଆପଣଙ୍କ ପାଇଁ ହେଲପିଙ୍ଗ' ଗ୍ରୁପର ସଭାପତି ଅଶୋକ କୁମାର ଦାସ ତାକୁ ଅଟକାଇ ସାଙ୍ଗରେ ଆଣି ଖାଇବାକୁ ଦେଇଥିଲେ । ପରେ ତାକୁ ପଚାରିବାରୁ ସେ ନିଜର ପରିଚୟ ଦେଇଥିଲେ । ଏହାପରେ ସ୍ୱେଚ୍ଛାସେବୀମାନେ ତାଙ୍କୁ ନେଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି ।

# ଅବଧି ସମାପ୍ତ ସତ୍ତ୍ୱେ ଅସମ୍ପୂର୍ଣ୍ଣ ଚେକ୍ ଡ୍ୟାମ ନିର୍ମାଣ

- ଆସନ୍ନ ମରୁଡ଼ି ଆଶଙ୍କାରେ ଚାଷୀକୁଳ
- ଠିକାଦାରଙ୍କ ଟେଣ୍ଡର ବାତିଲ ପାଇଁ ଦାବି


ଚେକ୍ ଡ୍ୟାମ୍ ନିର୍ମାଣ ହେବାକୁ ଥିବା ସାମଗ୍ରୀ ।

ପ୍ରୀତିପୁର,୧୦।୧(ସୁଶାନ୍ତ ବେହୁରିଆ): ବିଞ୍ଝାରପୁର ବ୍ଲକ୍ ଜରି ପଞ୍ଚାୟତ ଗଡ଼ଗଡ଼ି ମାହାରାର ଶ୍ୟାମାଡ଼ିଆଠାରେ କ୍ଷୁଦ୍ର ଜଳସେଚନ ବିଭାଗ ତତ୍ତ୍ୱାବଧାନରେ ଚାଲିଥିବା ଚେକ୍‌ଡ୍ୟାମ କାର୍ଯ୍ୟ ଅସମ୍ପୂର୍ଣ୍ଣ ନେଇ ଜରି ଅଞ୍ଚଳ ଚାଷୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରି କି ଠିକାଦାରଙ୍କ କାର୍ଯ୍ୟାଦେଶ ବାତିଲ ପାଇଁ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

ଜରି ନୂଆମାହାରା ନଦୀରୁ ବାହାରି ଥିବା ଗଡ଼ଗଡ଼ି ମାହାରା ଜରି, ଛନ୍ଦାମୁଣ୍ଡ ଓ ବାଙ୍ଗରା ଗ୍ରାମର ଚାଷଜମି ଦେଇ ବେଙ୍ଗା ନଦୀରେ ମିଶିଛି। ଡ୍ରେନେଜ ବିଭାଗ ପକ୍ଷରୁ ଏହି ନାଳ ଖୋଳା ଯାଇଥିଲେ ବି ଚେକ୍ ଡ୍ୟାମ ନିର୍ମାଣ ନ ହେବାରୁ ନାଳ ପାଣି ଅନ୍ୟାୟସରେ ପୁଣି ନଦୀକୁ ଚାଲିଯାଉଛି। ଚାଷ ଜମିରେ ପାଣି ନ ରହିବା ଯୋଗୁ ପ୍ରତିବର୍ଷ ମରୁଡ଼ି ସମସ୍ୟା ସୃଷ୍ଟି ହେଉଛି। ତେଣୁ ଶତାଧିକ ଚାଷୀ ଏହି ନାଳରେ ଏକ ଚେକ ଡ୍ୟାମ ନିର୍ମାଣ ଲାଗି ଜିଲାପାଳ ଓ ଜଳସେଚନ ବିଭାଗ ନିକଟରେ ଦାବି କରିଥିଲେ। ପରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଚେକ୍ ଡ୍ୟାମ ନିର୍ମାଣ ପାଇଁ ୮୧ଲକ୍ଷ ୯୫ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଏହି ପ୍ରକଳ୍ପ କାର୍ଯ୍ୟ ୨ ଅକ୍ଟୋର ୨୦୨୩ ସୁଦ୍ଧା ସମାପ୍ତ କରିବାକୁ ବିଭାଗ ପକ୍ଷରୁ ସମୟ ଧାର୍ଯ୍ୟ କରାଯାଇଥିଲା। ହେଲେ ଏବେବି ଶତକଡ଼ା ୧୦ ଭାଗ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏ ସମ୍ପର୍କରେ ବହୁବାର ଗ୍ରାମବାସୀଙ୍କ ପକ୍ଷରୁ କ୍ଷୁଦ୍ର ଜଳସେଚନ ବିଭାଗ ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ସଞ୍ଜୟ କୁମାର ବେହେରା ଓ କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ସିଂହଙ୍କ ନିକଟରେ ଅଭିଯୋଗ ହେବାପରେ ସମ୍ପୃକ୍ତ ଅଧିକାରୀ ଠିକାଦାରଙ୍କୁ ତୁରନ୍ତ କାର୍ଯ୍ୟ ସମାପ୍ତ କରିବାକୁ ୪ ଟି ନୋଟିସ ଦେଇଥିଲେ। କିନ୍ତୁ ଠିକାଦାର ଅଦ୍ୟାବଧି କାର୍ଯ୍ୟ ଆରମ୍ଭ କରିନାହାନ୍ତି। ଯଦି ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଏହି ଚେକ୍ ଡ୍ୟାମ କାର୍ଯ୍ୟ ଶେଷ ନ ହୁଏ, ତେବେ ଚାଷୀମାନେ ଜଳ ବିନା ପୂର୍ବବର୍ଷ ପରି ମରୁଡ଼ି ସମସ୍ୟାର ସମ୍ମୁଖୀନ ହେବେ। ଏ ନେଇ ନିକଟରେ ଜରି ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ତଥା କୃଷକ ନେତା ଭୁବନାନନ୍ଦ ସାମଲଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ କାମ ଆରମ୍ଭ କରିବାକୁ ଦାବି କରିଥିଲେ। ଏହାପରେ ବିଭାଗୀୟ ଯନ୍ତ୍ରୀ ଅବିଳମ୍ବେ କାର୍ଯ୍ୟ ଆରମ୍ଭ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଠିକାଦାର ଏକ ମାସ ମଧ୍ୟରେ କାର୍ଯ୍ୟ ସମାପ୍ତ ନ କରନ୍ତି, ତେବେ ତାଙ୍କ ଟେଣ୍ଡର ବାତିଲ ସହିତ ତାଙ୍କୁ କଳା ତାଲିକାଭୁକ୍ତ କରାଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରତିନିଧିମଣ୍ଡଳିକୁ ପ୍ରତିଶ୍ରୁତି ଦେଇଛନ୍ତି।

ଏହି ପ୍ରତିନିଧି ଦଳରେ ସନ୍ତୋଷ ଧଳ, ସର୍ବେଶ୍ୱର ରଥ, ରବୀନ୍ଦ୍ର ମଳିକ ଓ ଜଗନ୍ନାଥ ସାମଲ ପ୍ରମୁଖ ସାମିଲ ହୋଇଥିଲେ। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ସିଂହଙ୍କୁ ପଚାରିବାରୁ ସେ କାର୍ଯ୍ୟ ଆରମ୍ଭ ବିଳମ୍ବ ହୋଇଥିବା ସ୍ୱୀକାର କରିଛନ୍ତି। ଏଥିସହିତ ଚଳିତ ମାସ ଶେଷ ସୁଦ୍ଧା ଚେକ୍ ଡ୍ୟାମ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି। ଦେଖିବାକୁ ଅପେକ୍ଷା, କେବେ ଏହି କାର୍ଯ୍ୟ ଆରମ୍ଭ ହେଉଛି।

# ଧର୍ମଶାଳା ମିଡିଆ କ୍ଲବ ପକ୍ଷରୁ ଧାରଣା

କାଏମା,୧୦।୧(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ବ୍ଲକ୍ ଅଞ୍ଚଳର ଖବରଦାତାମାନଙ୍କୁ ଜାଣିଶୁଣି ସରକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ନ ଦେବା, ତଥ୍ୟ ଦେବା ପାଇଁ ଫୋନ ନ ଉଠାଇବା, କାର୍ଯ୍ୟାଳୟକୁ ଗଲେ ସମ୍ମାନ ନ ଦେବା ଆଦି ପ୍ରତିବାଦ କରି ବୁଧବାର ଧର୍ମଶାଳା ମିଡିଆ କ୍ଲବ ପକ୍ଷରୁ ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦିଆଯାଇଛି। ଖବରଦାତା ଆନନ୍ଦ ମହାରଣାଙ୍କ ନେତୃତ୍ୱରେ ବିମଳ ପତି, ବସନ୍ତ ନାୟକ, ଗୟାଧର ନାୟକ, ସେକ ଅଲ୍ଲଉଦିନ, ରଜତିଲକ ମହାନ୍ତି, ଶୁଶାନ୍ତ ସାହୁ, ଶୁଶାନ୍ତ ନାୟକ, ଶିବପ୍ରସାଦ ମହାନ୍ତି ଓ ନାରାୟଣ ରଥ ପ୍ରମୁଖ ମୁହଁ ରେ କଳା ପଟି ବାନ୍ଧି ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଷାନ ପଣ୍ଡା ପହଞ୍ଚି ସମର୍ଥନ ଜଣାଇଥିଲେ। ଅତିରିକ୍ତ ବିଡିଓ ଅସିତ ପାତ୍ର ପହଞ୍ଚି ଆନ୍ଦୋଳନ ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ। ଯାଜପୁର ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ପହଞ୍ଚି ଧାରଣାରତ ଖବରଦାତମାନଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ଖୁବ୍‌ଶୀଘ୍ର ସ୍ଥାନୀୟ ଖବରଦାତାଙ୍କ ସହ ଏକ ସତନ୍ତ୍ର ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ସ୍ଥଗିତ ହୋଇଥିଲା। ଏ ସମ୍ପର୍କରେ ବିଡିଓଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# କୋରେଇ ବ୍ଲକରେ ଅର୍ପଣ ରଥକୁ ସ୍ୱାଗତ


ଅର୍ପଣ ରଥ ଗ୍ରାମ ପରିକ୍ରମା କରୁଛି ।

ପାଣିକୋଇଲି,୧୦।୧(ବିକାଶ କୁମାର ମଲିକ) ଯାଜପୁର ଜିଲା କୋରାଇ ବ୍ଲକର ବିଭିନ୍ନ ପଞ୍ଚାୟତରେ ମଙ୍ଗଳବାର ହରିବୋଲ ହୁଳହୁଳି ଧ୍ୱନୀରେ ପ୍ରକମ୍ପିତ ହୋଇଛି । ଜୟ ଜଗନ୍ନାଥ ଅର୍ପଣ ରଥ ଏହି ବ୍ଲକର ସମସ୍ତ ୨୮ ପଞ୍ଚାୟତରେ ପରିକ୍ରମା କରିଛି । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଦେଶର ବିଭିନ୍ନ ମନ୍ଦିରକୁ ନିମନ୍ତ୍ରଣ କରାଯାଇଛି। ଏହି ଅବସରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ମୁଠେ ଚାଉଳ, ଗୋଟେ ଗୁଆ ଅର୍ଘ୍ୟଦାନ କାର୍ଯ୍ୟକ୍ରମ ଚାଲୁ ରହିଛି। କୋରାଇ ବ୍ଲକ ଅନ୍ତର୍ଗତ ଧନେଶ୍ୱର ପଞ୍ଚାୟତର ବେଗନାସ୍ଥିତ ଜଗନ୍ନାଥ ମନ୍ଦିରରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । କୋରେଇ ବିଧାୟକ ଅଶୋକ କୁମାର ବଳ ଏହି କାର୍ଯ୍ୟକ୍ରରେ ଯୋଗଦେଇ ମୁଠେ ଚାଉଳ, ଗୋଟିଏ ଗୁଆ ସଂଗ୍ରହ କରିଥିଲେ । ମଙ୍ଗଳବାର ଅର୍ପଣ ରଥ ବ୍ଲକର ୨୮ ପଞ୍ଚାୟତରେ ପରିକ୍ରମା କରୁଛି । ଭଜନ କୀର୍ତ୍ତନ, ହରିବୋଲ ହୁଳହୁଳି ଧ୍ୱନୀରେ ଗାଁ ଦାଣ୍ଡ ଫାଟି ପଡୁଛି । ସବୁଠି ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି । ଘରେ ଘରେ କଳସ ବସାଯାଇ ପୂଜାର୍ଚ୍ଚନା କରାଯାଉଛି । ମହିଳାମାନେ ପୂଜାର୍ଚ୍ଚନା ସହିତ ପରିବାରର ମଙ୍ଗଳ କାମନା କରି ଭୋଗ ଲାଗି କରୁଛନ୍ତି । ଏହି କ୍ରମରେ ଗୋଳେଇପୁର ପଞ୍ଚାୟତରେ ସରପଞ୍ଚ ସସ୍ମିତା ମାଝି କର୍ତ୍ତା ଭାବେ ଯୋଗଦେଇ ସୋଡି ଗ୍ରାମ ଜଗନ୍ନାଥ ମନ୍ଦିରରୁ ପୂଜାର୍ଚ୍ଚନା କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ପରେ ଏହି ଅର୍ପଣ ରଥ ବିଭିନ୍ନ ଗ୍ରାମ ପରିକ୍ରମା କରିଛି । ସେହିପରି ପାଣିକୋଇଲି, ପଥରପଦା, କରଦା, ମୁଳାପାଳ ପଞ୍ଚାୟତରେ ମଧ୍ୟ ଅନୁରୂପ ଭାବେ ଅର୍ପଣ ରଥ ପରିକ୍ରାମ କରିଛି । ଏହି କାର୍ଯ୍ୟକ୍ରମର ଶୃଙ୍ଖଳା ରକ୍ଷା ପାଇଁ ପାଣିକୋଇଲି ଥାନାଧିକାରୀ ଲିଜାରାଣୀ ବିଶ୍ୱାଳଙ୍କ ନେତୃତରେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

# ଛାତ୍ରୀଛାତ୍ରଙ୍କ ବ୍ଲକ୍ କାର୍ଯ୍ୟାଳୟ ପରିଦର୍ଶନ


ଏସ୍‌ଜି ସରକାରୀ ନୋଡାଲ ବିଦ୍ୟାଳୟର ଛାତ୍ରୀଛାତ୍ର ବ୍ଲକ କାର୍ଯ୍ୟାଳୟ ପରିଦର୍ଶନରେ ଆସିଛନ୍ତି ।

ବିଞ୍ଝାରପୁର,୧୦।୧(ରାମକୃଷ୍ଣ ଦାସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କପିଳାସ୍ଥିତ ଏସ୍‌ଜି ସରକାରୀ ନୋଡାଲ ବିଦ୍ୟାଳୟର ଛାତ୍ରୀଛାତ୍ର ବୁଧବାର ବ୍ଲକ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ସମୟରେ ସେମାନେ ବିଭିନ୍ନ ବିଭାଗ ବୁଲିବା ସହିତ ଅଧିକାରୀମାନଙ୍କୁ ସାକ୍ଷାତ କରିଛନ୍ତି। ପାଠ୍ୟକ୍ରମ ଅନୁଯାୟୀ, ଏଠାକାର କାର୍ଯ୍ୟ ଓ ଗଠନ ସମ୍ପର୍କରେ ଛାତ୍ରୀଛାତ୍ର ଜାଣିବା ପାଇଁ ଆସିଥିଲେ। ବ୍ଲକ୍ ଅଧ୍ୟକ୍ଷା ରଞ୍ଜିତା ଦାସ, ଅତିରିକ୍ତ ବିଡିଓ ବୀରେନ୍ଦ୍ର ଦାସ, କପିଳା ସରପଞ୍ଚ ଦେବଦତ୍ତ ସେଠୀ, ସମାଜିକକର୍ମୀ କୈଳାଶ ସେଠୀ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରିବା ସହିତ କାର୍ଯ୍ୟାଳୟ ପରିସରରେ ଥିବା ବିଭିନ୍ନ ବିଭାଗ ବୁଲାଇ ସେବୁର କାର୍ଯ୍ୟ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ଛାତ୍ରୀଛାତ୍ରଙ୍କ ଏଭଳି ପରିଦର୍ଶନ ସେମାନଙ୍କୁ ଆଗକୁ ବଢ଼ିବାରେ ଅଧିକ ପ୍ରେରଣା ପ୍ରଦାନ କରିବ ବୋଲି ବ୍ଲକ ଅଧ୍ୟକ୍ଷା ଦାସ ପ୍ରକାଶ କରିଥିଲେ। ଏହି ପରିଦର୍ଶନ ସମୟରେ ଶିକ୍ଷକ ଜଗନ୍ନାଥ ବେହେରା, ଶିକ୍ଷୟିତ୍ରୀ ଲୋପାମୁଦ୍ରା କର ଓ ଯର୍ବେଜୟ ରଥ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

### ଯୁବତୀଙ୍କୁ ପ୍ରତାରଣା, ଯୁବକ ଗିରଫ

ପାଣିକୋଇଲି,୧୦।୧(ବିକାଶ ମଲ୍ଲିକ): ପାଣିକୋଇଲି ପୋଲିସ ଯୁବତୀଙ୍କୁ ପ୍ରତାରଣା ଓ ବଳାତ୍କାର ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ବରେଇ ଗ୍ରାମର ବାମଦେବ ନାୟକ। ଉକ୍ତ ଥାନା ଖମଣ ଅଞ୍ଚଳର ଯୁବତୀଙ୍କ ଅଭିଯୋଗ ଅନୁସାରେ, ସେ ବାମଦେବଙ୍କ ସହ ମିଶି ବାଙ୍ଗାଲୁରରେ କାମ କରୁଥିଲେ। ଏହି ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିବା ସହ ଶାରିରୀକ ସମ୍ପର୍କ ସୃଷ୍ଟି ହୋଇଥିଲା। ଏହାପରେ ଯୁବତୀ ଜଣକ ବିବାହ ଲାଗି ବାମଦେବଙ୍କୁ କହିବାରୁ ସେ ପ୍ରତ୍ୟାଖ୍ୟାନ କରିଥିଲେ। ଫଳରେ ଯୁବତୀ ବାଧହୋଇ ଘରକୁ ଆସି ଗତ ୧ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ମାମଲା ନଂ.୧୯/୨୪ ରୁଜୁ ହୋଇଛି।

### ୨ କୋଇଲା ବୋଝେଇ ଗାଡ଼ି ଜବତ

ପାଣିକୋଇଲି,୧୦।୧(ବିକାଶ ମଲ୍ଲିକ): ପାଣିକୋଇଲିପୋଲିସ ବୁଧବାର ୨ କୋଇଲା ବୋଝେଇ ଗାଡ଼ି ଜବତ କରିବା ସହ ଦୁଇ ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କଟକ ଜିଲା ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ କୁସୁପାଙ୍ଗି ଗ୍ରାମର ଅକ୍ଷୟ ଖୁଣ୍ଟିଆ(୩୦) ଓ ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଅନ୍ତର୍ଗତ ଘୋଷାର ମଲ ଗ୍ରାମର ସୁବ୍ରତ ଗଡ଼ିଆ (୨୯)। ଟ୍ରକ୍‌ରେ ଚୋରା କୋଇଲା ଚାଲାଣ ହେଉଥିବା ଖବର ପାଇ ପୋଲିସ ଯାଞ୍ଚ କରିଥିଲା। ହେଲେ ପରିବହନ ସମ୍ପର୍କରେ ଚାଳକଙ୍କ ନିକଟରେ କୌଣସି କାଗଜପତ୍ର ନ ଥିବାରୁ ପୋଲିସ ଗାଡ଼ି ଦୁଇଟିକୁ ଥାନାକୁ ଆଣିଥିଲା। ଏନେଇ ଏକ ମାମଲା ନଂ.୧୭/୨୪ ରୁଜୁ ହୋଇଛି।

### କାର୍ତ୍ତିକେୟ ପୁସ୍ତକାଗାରର ନୂତନ କର୍ମକର୍ତ୍ତା

ବଡ଼ଚଣା,୧୦।୧(ଦିଲୀପ କୁମାର ମହାନ୍ତି): ବଡ଼ଚଣା ବ୍ଲକ ସୁଙ୍ଗୁଡ଼ା କାର୍ତ୍ତିକେୟ ପୁସ୍ତକାଗରର ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଛି। ସଭାପତିଭାବେ ପ୍ରକାଶ ରାଉତ, ଉପସଭାପତି ଦିଲୀପ ବଳ, କାର୍ଯ୍ୟକାରୀ ସଭାପତି କେଶବ ସ୍ୱାଇଁ, ସମ୍ପାଦକ ଆଶୁତୋଷ ମହାପାତ୍ର, ସହସମ୍ପାଦକ ଦିବ୍ୟଜିତ ରାଉତ, କୋଷାଧ୍ୟକ୍ଷ ସନ୍ଦୀପ ରାଉତ, ସହକୋଷାଧ୍ୟକ୍ଷ ଚନ୍ଦନ ସିଂହ, ପୁସ୍ତକାଗାର ରକ୍ଷକ ପୃଥିରାଜ ରାଉତ, ଉପଦେଷ୍ଟା ଭାବେ ଉପେନ୍ଦ୍ର ନାୟକ, ହେମନ୍ତ ରାଉତ, ରାକେଶ ସେନାପତି, ମନୋଜ ସାହୁ ଓ ସୁଧାଂଶୁ ମହାପାତ୍ର ପ୍ରମୁଖ ମନୋନୀତ ହୋଇଛନ୍ତି।

# ଦାନଗଦିରେ ଗଡ଼ିଲା ଅର୍ପଣ ରଥ

କଳିଙ୍ଗନଗର,୧୦।୧(ଶୁଭାଶିଷ ରାଉତ): ଦାନଗଦି ବ୍ଲକ୍ ଅଞ୍ଚଳରେ ବୁଧବାର ଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମା କରିଛି। ତେଲିବାହାଳି ସ୍ଥିତ ମା' ମହାପାଟଙ୍କ ନିକଟରେ ରଥଗୁଡ଼ିକ ପହଞ୍ଚିବା ପରେ ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ରଥଗୁଡ଼ିକୁ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏଥିରେ ଦାନଗଦି ପଞ୍ଚାୟତ ସମିତି ଅଧ୍ୟକ୍ଷା ଅର୍ଚ୍ଚନା ଦାସ, ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ସୁକିନ୍ଦା ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ପ୍ରଦୀପ ମହାନ୍ତି, ଜିଲା ପରିଷଦ ସଭ୍ୟା ଟିନା ହାଇବ୍ରୁ, ସୁଚିତ୍ରା ବିଶାଳ, ଲୋକନାଥ ଧୀର, ଯାଜପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ବେହେରା ଏବଂ ଦାନଗଦି ବ୍ଲକ ଯୁବ ବିଜେଡି ସଭାପତି ଚନ୍ଦନ କର ପ୍ରମୁଖ ଉପସ୍ଥିତ ଥିଲେ। ରଥ ନିର୍ବାଚନମଣ୍ଡଳୀର ସମସ୍ତ ସାହି ଓ ଦାନଗଦି ବ୍ଲକର ୨୩ ପଞ୍ଚାୟତ ପରିକ୍ରମା କରି ପ୍ରତ୍ୟେକ ଘରୁ ଗୁଆ, ଅରୁଆ ଚାଉଳ, ନଡ଼ିଆ ସଂଗ୍ରହ କରିଥିଲା। ଗ୍ରାମବାସୀ ଶଙ୍ଖ ହୁଳହୁଳି ଦେଇ ରଥକୁ ସ୍ୱାଗତ କରୁଥିବା ଦେଖାଦେଇଛି।

# ପାଣିକୋଇଲି ମହୋତ୍ସବ ଉଦ୍‌ଯାପିତ

ପାଣିକୋଇଲି,୧୦।୧(ବିକାଶ ମଲ୍ଲିକ): କୋରେଇ ବ୍ଲକ ପାଣିକୋଇଲିଠାରେ ଚାଲିଥିବା ପାଣିକୋଇଲି ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ରାକେଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଅତିଥି ଭାବେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ଭାଜପା ନେତା ବିଶ୍ୱଜିତ ନାୟକ, ଯାଜପୁର ଜିଲା ସାମ୍ବାଦିକ ସଂଘ ସଭାପତି ସୁବାସ ଧଳ, ସ୍ତମ୍ଭକାର ଡ. ସ୍ମୃତି ରଞ୍ଜନ ଲେଙ୍କା, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ ନିର୍ଦ୍ଦେଶାଳୟର ପୂର୍ବତନ ନିର୍ଦ୍ଦେଶକ ରବୀନ୍ଦ୍ର ବେହେରା, ପଥରପଦା ବିଜେଡି ସଭାପତି ସନ୍ତୋଷ ବେହେରା, ଯୁବସାମାଜିକ କର୍ମୀ ସ୍ୱପ୍ନାନନ୍ଦ ଦାସ ପ୍ରମୁଖ ଯୋଗଦେଇ ମହୋତ୍ସବ କିପରି ଅଞ୍ଚଳରେ ଦଳଗତ ନିର୍ବିଶେଷରେ ଭାଇଚାରା ସୃଷ୍ଟି କରେ ସେ ସମ୍ପର୍କରେ କହିଥିଲେ।

ମହୋତ୍ସବ କମିଟି ସମ୍ପାଦକ ତାରିଣୀ ରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପାଣିକୋଇଲିର ସ୍ୱେଚ୍ଛାସେବୀ ସଙ୍ଗଠନ ଆମେ ବିପଦରେ ସାଥି, ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପ, ଶେଷ ପରିଚୟ, ବିଭିନ୍ନ ବିଦ୍ୟାଳୟ ଓ ମହୋତ୍ସବ ପାଇଁ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମହୋତ୍ସବ କମିଟି ପକ୍ଷରୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ପରେ ଆସାମର ବିହୁ ନାଚରେ ଦର୍ଶକ ବିମୁଗ୍ଧ ହୋଇଥିଲେ। ପାଣିକୋଇଲିର ଷ୍ଟାର ଡ୍ୟାନ୍ସ ଗ୍ରୁପ ଦ୍ୱାରା ସମ୍ବଲପୁରୀ ଓ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମୀନାବଜାର, ଦୋଳି, ବିଭିନ୍ନ ପ୍ରକାର ଖାଦ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ପାଣିକୋଇଲି ଥାନାଧିକାରୀ ଲିଜାରାଣୀ ବିଶ୍ୱାଳଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। କମିଟି ସଦସ୍ୟ ପ୍ରଫୁଲ୍ଲ ବେହେରା, ପ୍ରଫୁଲ୍ଲ ଦାସ, ପ୍ରଶାନ୍ତ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।


ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

### ଅଷ୍ଟପ୍ରହର ମଣ୍ଡପ ନିର୍ମାଣକୁ ନେଇ ବିବାଦ

ରସୁଲପୁର,୧୦।୧(ରଂଜିତ ରାଉତ): ରସୁଲପୁର ବ୍ଲକ ଟିକରପଡ଼ା ପଞ୍ଚାୟତ କୁଜିବର(ପୋଡା ଜାଗୁଲାଇ) ଗ୍ରାମରେ ଅଷ୍ଟପ୍ରହରୀ ମଣ୍ଡପ ନିର୍ମାଣକୁ ନେଇ ବିବଦା ଉପୁଜିଛି। ମଣ୍ଡପକୁ ପ୍ରସ୍ତାବିତ ସ୍ଥାନରେ କରାଯାଉ ନାହିଁ। କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଭୁଲ ସ୍ଥାନରେ ମଣ୍ଡପ ନିର୍ମାଣ କରୁଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରି ବିଡିଓ ଅବନିକାନ୍ତ ସାହୁଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରେ ତଦନ୍ତ ଆରମ୍ଭ କରାଯାଇଛି। ମଣ୍ଡପ ନିର୍ମାଣକୁ ନେଇ ଗାଁ ଲୋକେ ଦୁଇ ଗୋଷ୍ଠୀରେ ବିଭକ୍ତ ହୋଇଥିବା ଜଣାପଡିଛି। ଉଭୟ ଗୋଷ୍ଠୀଙ୍କୁ ନେଇ ଏକ ଆଲୋଚନା କରାଯାଇ ସମାସ୍ୟା ସମାଧାନ କରାଯିବ ବୋଲି ବ୍ଲକ କନିଷ୍ଠ ଯନ୍ତ୍ରୀ ଅନିତା ବେହୁରା ପ୍ରକାଶ କରିଛନ୍ତି। ବ୍ଲକ ପ୍ରସ୍ତାବକୁ ଗୋଟିଏ ଗୋଷ୍ଠୀ ଅବମାନନା କରି କାର୍ଯ୍ୟ କରୁଥିବା ଜଣାଯାଇଛି। ନିର୍ମାଣ କାର୍ଯ୍ୟ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇ ନାହିଁ ବୋଲି ଯନ୍ତ୍ରୀ ବେହୁରା ପ୍ରକାଶ କରିଛନ୍ତି। ଆମ ଓଡ଼ିଶା, ନବୀନ ଓଡିଶା ଯୋଜନା ଅନୁଦାନରୁ ୪ଲକ୍ଷ ଟଙ୍କା ବ୍ୟୟ ବରାଦରେ ହେଉଥିବା ଏହି କାର୍ଯ୍ୟ ଗାଁ ଜାଗୁଲାଇ ମନ୍ଦିର ଉତ୍ତର ପାର୍ଶ୍ୱରେ ମଣ୍ଡପ ନିର୍ମାଣ କରାଯାଉ ବୋଲି ଅଭିଯୋଗକାରୀ ଦାବି କରିଛନ୍ତି। ମାତ୍ର ବିରୋଧୀ ଗୋଷ୍ଠୀ ମନ୍ଦିର ସମ୍ମୁଖରେ ମଣ୍ଡପ ନିର୍ମାଣ କରୁଛନ୍ତି।

# ଗଣମାଧ୍ୟମ ସାଧାରଣ ଜନତାଙ୍କ ସ୍ୱର ହେଉ


ପ୍ରେସ୍ ଫୋରମର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

### ବ୍ୟାସନଗର ପ୍ରେସ ଫୋରମର ସପ୍ତଦଶ ବାର୍ଷିକ ଉତ୍ସବ

ଯାଜପୁରରୋଡ,୧୦।୧(ପବିତ୍ର ରଞ୍ଜନ ମହାନ୍ତି) ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱରେ ରହି ଗଣମାଧ୍ୟମ ପ୍ରତିନିଧିମାନେ ସାଧାରଣ ଜନତାଙ୍କ ସ୍ୱର ହେବା ଉଚିତ୍ । ବ୍ୟାସନଗର ପ୍ରେସ ଫୋରମର ସପ୍ତଦଶ ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବରେ ବକ୍ତାମାନେ ଏହି ମତବ୍ୟକ୍ତ କରିଛନ୍ତି। ବୁଧବାର ବ୍ୟାସନଗର ପୌରପରିଷଦର ସନ୍ତରା ସ୍ଥିତ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ଫୋରମର ବାର୍ଷିକ ଉତ୍ସବ ସଭାପତି ଅଭୟ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ କୋରାଇର ବିଧାୟକ ଅଶୋକ କୁମାର ବଳ ମୁଖ୍ୟଅତିଥି, ଓ ଟିଭିର ବରିଷ୍ଠ ଉପସ୍ଥାପକ ଭବାନୀ ପାତ୍ର ମୁଖ୍ୟବକ୍ତା, ଅବସରପ୍ରାପ୍ତ ଆଇଜି(ଆଇଟିବିପି) ସୁଧାଂଶୁ ଶେଖର ମିଶ୍ର, ସିନେ ଅଭିନେତ୍ରୀ ନୈନା ଦାସତିୱାରୀ ଓ ସିନେଅଭିନେତା ପ୍ରୀତିରାଜ ଶତପଥୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସମାଜରେ ଖବରଦାତାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ସମସ୍ୟା ଓ ସୁରକ୍ଷା ପ୍ରତି ସରକାର ଧ୍ୟାନ ଦେବା ଉଚିତ ବୋଲି ଆଲୋକପାତ କରିଥିଲେ । ଫୋରମର ସାଧାରଣ ସମ୍ପାଦକ ମଳୟ କୁମାର ମଲିକ ବାର୍ଷିକ ବିବରଣୀ, ଉପସଭାପତି ଦୟାନିଧି ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଫୋରମର ମୁଖପତ୍ର ବ୍ୟାସଜ୍ୟୋତିକୁ ଅତିଥିମାନଙ୍କ ଦ୍ୱାରା ଲୋକର୍ପିତ କରାଯାଇଥିଲା । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦନ ପାଇଁ ପ୍ରାଧାପକ ଗୋକୁଳା ନନ୍ଦ ବଶ୍ୱାଳ, ସାହିତ୍ୟିକ ରୁଦ୍ରନାରାୟଣ ପୃଷ୍ଟି, ଚିକିତ୍ସକ ବିଭୁଦତ୍ତ ମହାନ୍ତି, ସାମାଜିକ କର୍ମୀ ବନୋଜ କୁମାର ଜେନା, ପରିବେଶବିତ୍ ଟୁଟୁ ମିଶ୍ର, ଖବରଦାତା ରବି ନାରାୟଣ କର, ସିନେ ଅଭିନେତା ନୈନା ଓ ପ୍ରୀତିରାଜ, ଯୁବକ୍ରିକେଟର ଅୟେଶ ପତି ଓ ଯୁବାକ୍ରୀଡାବିତ୍ ଶିବାନୀ ମଲିକ, ସଫଳ ଉଦ୍ୟୋଗୀ ରାଜେଶ କୁମାର ଜୈନ ଓ ଯଶୋବନ୍ତ ଜିନ୍ଦଲ, ଖବର କାଗଜ ବିତରକ ପ୍ରଫୁଲ୍ଲ କୁମାର ସାହୁ ଏବଂ ବ୍ୟାସଜ୍ୟୋତି ମରଣୋତ୍ତର ସମ୍ମାନ ଅଶୋକ କୁମାର ସାମନ୍ତସିଂହାରଙ୍କୁ ସମ୍ମାନୀତ କରାଯାଇଥିଲା। କଳିଙ୍ଗନଗର ଜିନ୍ଦଲ ଷ୍ଟେନଲେସ ଲିଃକୁ ଶିଳ୍ପ ନିରାପତ୍ତା ସମ୍ମାନ, ଯାଜପୁର ରୋଡ଼ ବରିଷ୍ଠ ନାଗରିକ ମଞ୍ଚ ଓ ଯାଜପୁର ଜିଲା କିନ୍ନର ସଂଘ(ଶାନ୍ତ ସେନା) ସଙ୍ଗଠନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ଉତ୍ସବକୁ କାର୍ଯ୍ୟାଳୟ ସମ୍ପାଦକ ବାଇଧର ମାଝି, କୋଷାଧ୍ୟକ୍ଷ ଅଜୟ କୁମାର ସାହୁ, ରୁଦ୍ରପ୍ରତାପ ପାଢୀ ଓ ପ୍ରହଲ୍ଲାଦ ଦେଓ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଭାପତି ନିତ୍ୟାନନ୍ଦ ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ଉପସଭାପତି ଜ୍ଞାନରଞ୍ଜନ ଓଝା, ସହସମ୍ପାଦକ ଆଶୁତୋଷ ମହାନ୍ତି, ପ୍ରମୋଦ କୁମାର ପାତ୍ର, ଉପଦେଷ୍ଟା ଆଶୁତୋଷ ମିଶ୍ର, ଅସିତାନନ୍ଦ ବିଶ୍ୱାଳ, କୁଞ୍ଜବିହାରୀ ମହାନ୍ତି, ଚିତ୍ତରଞ୍ଜନ ବୋଇତାଇ, ଦୀପକ ଦାସ, ମାନସ ଆଏଚ, ଜିତେନ୍ଦ୍ର ରାଉତ, ପ୍ରକାଶ କୁମାର ସାହୁ, ସୁଶାନ୍ତ କୁମାର ଭୂୟାଁ, ଆଶିଷ ରାଉତ, ସଞ୍ଜୟ ସରକାର ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

ରଘୁନାଥପୁର,୧୦।୧(ରାଜେନ୍ଦ୍ର ନାରାୟଣସିଂହ)

ରଘୁନାଥପୁର ଥାନା କଟକ-ପାରାଦୀପ ରାସ୍ତାର ବର୍ତ୍ତି ହମ୍ପ୍‌ସ ନିକଟରେ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ ବାଇକ୍ ଚାଳକଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ସୌଭାଗ୍ୟବଶତଃ ପଛରେ ବସିଥିବା ବ୍ୟକ୍ତିଙ୍କ ଜୀବନ ରକ୍ଷା ହୋଇଯାଇଛି। ମୃତ ଯୁବକ ହେଲେ ଆଠଗଡ଼ ଥାନା ହଂସୁଆଭୂଇଁ ଗ୍ରାମର ମଳୟ ମନ୍ତ୍ରୀ(୨୨)। ମଙ୍ଗଳବାର ବିଳମ୍ବିତ ରାତିରେ ମଳୟ ନିଜ କାମସାରି ରଘୁନାଥପୁରସ୍ଥିତ ବସାଘରକୁ ଫେରୁଥିବାବେଳେ ବର୍ତ୍ତି ହମ୍ପ୍‌ସ ନିକଟରେ ଦୁର୍ଘଟଣା ଘଟିଥିଲା। ଖବରପାଇ ପୋଲିସ ମଳୟଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ନଂ.୮/୨୪ରେ ମାମଲା ରୁଜୁ ହୋଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୋଲିସ ଜବତ କରିବା ସହ ଚାଳକ ଟାଙ୍ଗୀ ଥାନା କନ୍ଦରକଣା ଗ୍ରାମର ପ୍ରଦୀପ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅପରପକ୍ଷେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି।

### ସେବକ ସେବିକା ସଂଘର ସଭାପତି ହେଲେ କବିତାକୁମାରୀ

କେନ୍ଦ୍ରାପଡ଼ା,୧୦।୧(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ସେବକ ସେବିକା କର୍ମଚାରୀ ସଂଘର କର୍ମକର୍ତ୍ତା ନିର୍ବାଚନ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ନିର୍ବାଚନରେ ସଭାପତି ଭାବେ କବିତା କୁମାରୀ ବନିତା ପାଣିଙ୍କୁ ମନୋନୀତ କରାଯାଇଛି । ଏଥିସହ ଉପ ସଭାପତି ମାନସ ବେହେରା, ସମ୍ପାଦକ ସଂଯୁକ୍ତା ଚୌଧୁରୀ, ସହ ସମ୍ପାଦକ ମମତା ନାୟକ, ଯୁଗ୍ମ ସମ୍ପାଦକ ଅଞ୍ଜନାବାଳା ସାହୁ ଓ ଶୈଳବାଳା ନାୟକ, କୋଷାଧ୍ୟକ୍ଷ ଜ୍ୟୋତ୍ସ୍ନାମୟୀ ସ୍ୱାଇଁ, ହିସାବ ନିରୀକ୍ଷକ ସନ୍ତୋଷ କୁମାର ସିଂଙ୍କୁ ମନୋନୟନ କରାଯାଇଛି। ସଂଘର ଉପଦେଷ୍ଟା ମଣ୍ଡଳୀରେ ବିଜୟଲକ୍ଷ୍ମୀ ତରାଇ, ପ୍ରିୟତମା ବଳ, ବାସନ୍ତୀ ନାୟକ ଓ ଆଇନଜୀବୀ ଚନ୍ଦ୍ରଭାନୁ ବରାଳ ସାମିଲ ହୋଇଛନ୍ତି। ଏହି ସଂଘର ପରିଚାଳନା କମିଟିରେ ୧୫ ଜଣଙ୍କୁ ସଦସ୍ୟ ଭାବେ ଗ୍ରହଣ କରାଯାଇଛି।

### ମୁକ୍ତା ଟ୍ରେନରମାନଙ୍କ ୨ଦିନିଆ କର୍ମଶାଳା

ପାରାଦୀପ,୧୦।୧(ଶରତ ରାଉତ)

ପାରାଦୀପ ପୌର ପରିଷଦ ସଭାଗୃହରେ ବୁଧବାରରୁ ମୁକ୍ତା (ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ) ର ଟ୍ରେନରମାନଙ୍କୁ ନେଇ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏହା ଗୁରୁବାର ସରିବ। ଏଥିରେ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ ଓ ପାରାଦୀପର ୩୦ଜଣ ମାଷ୍ଟର ଯୋଗ ଦେଇଛନ୍ତି। ଏସ୍‌ଏଚ୍‌ଜି ଓ ବସ୍ତି ସଂଘର ମହିଳାମାନେ ଏଥିରେ ଭାଗ ନେଇଛନ୍ତି। ସମସ୍ତଙ୍କୁ ଡିଜିଟାଲ ସାକ୍ଷରତା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉଛି। ଏହାକୁ ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା (ସୁଡା)ଓ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା (ଡୁଡା)ପକ୍ଷରୁ ମିଳିତ ଭାବେ ଆୟୋଜନ କରାଯାଇଛି। ଶିବିରକୁ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଏଥିରେ ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ କୁମାର ସ୍ୱାଇଁ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହା, ଭାସ୍କର ଚନ୍ଦ୍ର ଶତପଥୀ, ସୁଲୋକ୍ୟ ନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଟିକିଣିଆରେ ଧାନମଣ୍ଡି ଉଦ୍‌ଘାଟିତ

ରଘୁନାଥପୁର,୧୦।୧ (ରାଜେନ୍ଦ୍ର ନାରାୟଣସିଂହ)

ରଘୁନାଥପୁର ବ୍ଲକ ତାରପୁର କୃଷି ସେବା ସମବାୟ ସମିତି ଟିକିଣିଆରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମିତି ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତିଙ୍କ ପରିଚାଳନାରେ ସ୍ଥାନୀୟ ସରପଞ୍ଚ ବିଷ୍ଣୁଚରଣ ସେଠୀ ଓ ତାଁଙ୍କ ସମିତିସଭ୍ୟା ଶାନ୍ତିଲତା ଦ୍ୱିବେଦୀ ନଡ଼ିଆ ବାଡ଼େଇ ଓଜନ କଣ୍ଟାର ଶୁଭ ଉଦ୍‌ଘାଟନ କରିଥିଲେ। ସଭାପତି ଦେବେନ୍ଦ୍ରନାଥ ସ୍ୱାଇଁ, ବୋର୍ଡ ନିର୍ଦ୍ଦେଶକ ଗୋଲେଖ ବିହାରୀ ଲେଙ୍କା, ସରୋଜ କୁମାର ଦାଶ, ଭୂପତି ନାୟକ, ପବିତ୍ର ନାୟକ, ସଂଗ୍ରାମ ରାଉତ, ସୁରେଶ ନାୟକ ଅତିଥି ଭାବେ ଉପସ୍ଥିତ ଥିଲେ। ମଣ୍ଡିରେ ୪୮୨ଜଣ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଥିବାବେଳେ ରାଧାନଗରସ୍ଥିତ ଲକ୍ଷ୍ମୀ ଆଗ୍ରୋ ରାଇସ୍ ମିଲ୍ ଧାନ କ୍ରୟ କରିବ। ଏଥିପାଇଁ ୨ ହଜାର କୁଇଣ୍ଟାଲ ଟାର୍ଗେଟ ରହିଛି। କ୍ରୟ କମିଟି ସଦସ୍ୟ ସୁଦର୍ଶନ ନାୟକ, ଇଂ. ବାବାଜୀ ଚରଣ ଜେନା ପ୍ରମୁଖ ଧାନର ମାନ ଓ ଟୋକନ ଅନୁଯାୟୀ ଚାଷୀ କିପରି ଧାନ ଦେବେ ସେ ସମ୍ପର୍କରେ କହିଥିଲେ।

# ତୁଳସୀକ୍ଷେତ୍ରରେ ଭାବମୟ ପରିବେଶ



ଗରଦପୁରଠାରେ ଅର୍ପଣ ରଥକୁ ସ୍ୱାଗତ କରାଯାଉଛି।



ରାଜକନିକାରେ ମହିଳାମାନେ ସଂକୀର୍ତ୍ତନ କରୁଛନ୍ତି।

କେନ୍ଦ୍ରାପଡ଼ା,୧୦।୧(ଜଗନ୍ନାଥ ଧଳ)

ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥ ପାଇଁ ତୁଳସୀକ୍ଷେତ୍ର ଏବେ ଭାବମୟ ପରିବେଶ ସୃଷ୍ଟି କରିଛି । ପ୍ରତି ପଞ୍ଚାୟତର ବିଭିନ୍ନ ଗ୍ରାମରେ ରଙ୍ଗବେରଙ୍ଗ ଝୋଟି ଚିତା, ମୁରୁଜ କଳା ଦ୍ୱାରା ଏହି ରଥକୁ ସ୍ୱାଗତ କରାଯାଉଛି । ଏଥିସହ ସଂକୀର୍ତ୍ତନ, ଘଣ୍ଟଘଣ୍ଟା, ଶଙ୍ଖଧ୍ୱନୀ, ହରିବୋଲ, ହୁଳହୁଳି ଆଦି ଏକ ଆଧ୍ୟତ୍ମିକ ପରିବେଶ ସୃଷ୍ଟି କରିଛି। ଏଥିସହ ଶ୍ରଦ୍ଧାଳୁମାନେ ଚାଉଳ ଓ ଗୁଆ ଅର୍ପଣ କରୁଛନ୍ତି। ଏପରି ଦୃଶ୍ୟ ଜିଲା ସାରା ବୁଧବାର ଦେଖିବାକୁ ମିଳିଥିଲା ଗରଦପୁର ବ୍ଲକ୍‌ର ବନ୍ତଳା, ଭଗବାନପୁର, ପାଟକୁରା, ଆଳି ବ୍ଲକ୍‌ର କୋଳଡିହ, ବାଳକାଟି, ଡିମିରିପାଳ, ଚଣ୍ଡିଆଗଡ଼ି, ଅଟାଳ, ନିଆଳ, ପଟ୍ଟାମୁଣ୍ଡାଇ ବ୍ଲକ୍‌ର କଖାରୁଣି, ନରସିଂହପୁର, ତରଡ଼ିପାଳ, ଶ୍ରୀରାମପୁର, ବଲୁରିଆ, ଓଉପଦା, ବଡ଼ପଡ଼ା ଆଦି ପଞ୍ଚାୟତରେ ଏହି ଅର୍ପଣ ରଥ ବୁଲିଥିଲା। କଖାରୁଣି ପଞ୍ଚାୟତରେ ରାଜନଗରର ବିଧାୟକ ଧ୍ରୁବ ସାହୁ ସାମିଲ ହୋଇଥିଲେ। ସେହିପରି ରାଜକନିକା ବ୍ଲକ୍‌ର ବରଡ଼ିଆ, ଜୟନଗର, କୋଇଲିପୁର, ଓଳାଭର, ବରୁଣା, ଟରସ, ପଣସଗଣ୍ଡା, ପଧାନପଡ଼ା, ନହୁଣୀ, ହାଟସାହି ଓ କେ.ବଣିଆ, ଡେରାବିଶ ବ୍ଲକ୍‌ର ଛୋଟି, ଖମୋଳ, କୁରଜଙ୍ଗ, କୁଶିଆପାଳ, ଜାଆଁରା ବାରିମୂଳ, ନରସିଂହପୁର, ଏଣ୍ଡର, ଦାନପୁର, କଉପଦା, ଏଲ୍‌ଏନ୍‌ପୁର, ମୁକୁନ୍ଦପୁର ଆଦି ପଞ୍ଚାୟତରେ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ ହୋଇଛି। କେନ୍ଦ୍ରାପଡ଼ା ବ୍ଲକ୍‌ର ବାରୋ, କଂସାର, କଳପଦା, ଭରତପୁର, ଗୁଲନଗର, ସାନମନ୍ତିଆ, ଇନ୍ଦୁପୁର ଗ୍ରାମ ପଞ୍ଚାୟତରେ ବୁଧବାର ଅର୍ପଣ ରଥ ପରିକ୍ରମା କରିଛି ।

# ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକଲା ବ୍ଲକ କଂଗ୍ରେସ

କେନ୍ଦ୍ରାପଡ଼ା, ୧୦।୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ବିରୋଧରେ ବ୍ଲକ କଂଗ୍ରେସ ଆଇନଗତ କାର୍ଯ୍ୟାନୁଷ୍ଠାନ ବୁଧବାର ଦାବି କରିଛି। ତାଙ୍କ ବିରୋଧରେ ଟେଣ୍ଡର ଫିକ୍ସିଂ ପରି ଅଭିଯୋଗ ଆଣି ରାଜନଗର, ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରପଡ଼ା ସଦରରେ ବିକ୍ଷୋଭ କରିଛି। ଏଥିସହ ପୂର୍ବତନ ବିଧାୟକ ତଥା ଜିଲା ସଭାପତି ଅଂଶୁମାନ ମହାନ୍ତି ଓ ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର ଜେନାଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ସ୍ମାରକପତ୍ର ଜିଲାପାଳ ଅମୃତ ଋତୁରାଜଙ୍କୁ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ପୂର୍ବତନ ବିଧାୟକ ମହାନ୍ତି କହିଛନ୍ତି, ରାଜ୍ୟରେ ସ୍ୱଚ୍ଛ ଶାସନ ଚାଲିଥିବା ଏକ ସ୍ଲୋଗାନ। ଏଥିରେ କୌଣସି ସତ୍ୟତା ନ ଥିବା ରାଜନଗର ବିଧାୟକ ସାହୁଙ୍କ ଟେଣ୍ଡର ଫିକ୍ସିଂକୁ ନେଇ ସାମାଜିକ ଗଣମାଧ୍ୟମରେ ବୁଲୁଥିବା ଭିଡିଓରୁ ଦେଖିବାକୁ ମିଳୁଛି। ସେ ପୂର୍ବରୁ ବହୁ ଦୁର୍ନୀତି ସହିତ ଜଡିତ ଥିବା ନେଇ ଗଣମାଧ୍ୟମରେ ବାରମ୍ବାର ପ୍ରଦର୍ଶିତ ହେଉଛି। ଟେଣ୍ଡର ଫିକ୍ସିଂକୁ ନେଇ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରସାରିତ ପରେ ରାଜନଗରବାସୀ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ସ୍ୱର ଉଠିଛି। ଆସନ୍ତା ୭ ଦିନ ମଧ୍ୟରେ କାର୍ଯାନୁଷ୍ଠାନ ନ ହେଲେ ବ୍ଲକ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ପୂର୍ବତନ ବିଧାୟକ ମହାନ୍ତି କହିଛନ୍ତି। ଏ ସମ୍ପର୍କରେ ରାଜନଗର ବିଧାୟକ ସାହୁ କହିଛନ୍ତି, ଅଭିଯୋଗ ଭିତ୍ତିହୀନ। ଟେଣ୍ଡର ଫିକ୍ସିଂରେ ଆଦୌ ଜଡିତ ନାହାନ୍ତି। ଏହା ବିରୋଧୀଙ୍କ ରାଜନୈତିକ ଅପପ୍ରଚାର ବ୍ୟତୀତ କିଛି ନୁହେଁ ବୋଲି ସେ କହିଛନ୍ତି।

# ବୁଲିଲା ଜୟ ଜଗନ୍ନାଥ ଅର୍ପଣ ରଥ, ବିଭୋର ଜନତା



ଏରଡେଙ୍ଗାଠାରେ ସମର୍ପଣ ରଥକୁ ସ୍ୱାଗତ ଅବସର ପୂଜାର୍ଚ୍ଚନା କରାଯାଉଛି।

ରଘୁନାଥପୁର,୧୦।୧(ରାଜେନ୍ଦ୍ର ନାରାୟଣସିଂହ)

ରଘୁନାଥପୁର ବ୍ଲକ ୪ ପଞ୍ଚାୟତରେ ବୁଲିଛି ଜୟ ଜଗନ୍ନାଥ ଅର୍ପଣ ରଥ। ଆତ୍ମବିଭୋର ଜନତାଙ୍କ ଜୟ ଜଗନ୍ନାଥ ଧ୍ୱନିରେ ପୁରପଲ୍ଲୀ ପ୍ରକମ୍ପିତ ହୋଇଉଠିଥିଲା। ବରାଗୋଳ ସରପଞ୍ଚ ଜୟନ୍ତୀ ଦାସ ଓ ନିରଞ୍ଜନ ଦାସଙ୍କ ପରିଚାଳନାରେ ରଥ ସମସ୍ତ ଗ୍ରାମ ପରିକ୍ରମା କରିଥିଲା। ସେହିପରି ପୁରଣ ଓଡ଼ପଡ଼ା ସରପଞ୍ଚ ଶିବରାମ ସାହୁଙ୍କ ନେତୃତ୍ୱରେ ରଥ ଗ୍ରାମ୍ୟ ପରିକ୍ରମା କରିଥିଲା। ସମିତିସଭ୍ୟା ପ୍ରିୟତମା ରାଉତ, ଗୌତମ ପାଲିତଙ୍କ ସହ ଗ୍ରାମବାସୀ ଏଥିରେ ସାମିଲ ହୋଇଥିଲେ। ଅଢ଼େଇକୁଳ ସରପଞ୍ଚ ରୀନା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ରଥ ଗ୍ରାମରେ ବୁଲିଥିବାବେଳେ ସମିତିସଭ୍ୟା ମିତାଞ୍ଜଳି ସ୍ୱାଇଁ, ନାଏବ ସରପଞ୍ଚ ରଞ୍ଜନ ଲେଙ୍କା, ସୁଧାଂଶୁ ଶେଖର ବିଶ୍ୱାଳ ଏଥିରେ ସହଯୋଗ କରିଥିଲେ। ସେହିପରି ଏରଡେଙ୍ଗା ସରପଞ୍ଚ ଧର୍ମେନ୍ଦ୍ର ସେଠୀ ମୁଖ୍ୟ ଦାୟିତ୍ୱରେ ଥିବାବେଳେ ପିଇଓ ସ୍ମୃତିରଞ୍ଜନ ଗୁରୁ, ନୀହାରିକା ସାହୁ, ଅନିଲ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଡିଓ ନମିତା ବାରିକ, ଜିପିଓ ସ୍ମାରକ ମହାନ୍ତି ଓ କ୍ୟାଶିୟର ଭବେଶ କୁମାର ବେହେରା ବିଭିନ୍ନ ପଞ୍ଚାୟତକୁ ଯାଇ ରଥ ପରିକ୍ରମା କାର୍ଯ୍ୟକୁ ତଦାରଖ କରିଥିଲେ।

# ହରିଣ ବଂଶ ସୁରକ୍ଷାକୁ ପ୍ରାଥମିକତା

## ଡିଏଫ୍‌ଓଙ୍କ ଦ୍ୱାରା ଧଳତଙ୍ଗଗଡ଼ ଜଙ୍ଗଲ କାର୍ଯ୍ୟର ସମୀକ୍ଷା

ରଘୁନାଥପୁର, ୧୦।୧(ରାଜେନ୍ଦ୍ର ନାରାୟଣସିଂହ)



ଧଳତଙ୍ଗଗଡ଼ ଜଙ୍ଗଲ ବୁଲି ଦେଖୁଛନ୍ତି ଡିଏଫ୍‌ଓ ଓ ଅନ୍ୟ ଅଧିକାରୀ।

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଏରଡେଙ୍ଗା ପଞ୍ଚାୟତ ନିକଟସ୍ଥ ଧଳତଙ୍ଗଗଡ଼ ଜଙ୍ଗଲକୁ ଡିଏଫ୍‌ଓ ପି. ଅର୍ଥନରି ବୁଧବାର ଗସ୍ତକରି ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜଙ୍ଗଲରେ ହରିଣ ବଂଶର ସୁରକ୍ଷା ପାଇଁ ନିର୍ମିତ ୪ କିମି ପ୍ରାଚୀର କାର୍ଯ୍ୟ ବୁଲି ଦେଖିବା ସହ ଜଙ୍ଗଲରେ ସେମାନଙ୍କର ଖାଦ୍ୟ ପାଇଁ ସବୁଜିମା ପରିବେଶ, ଅଧିକ ବାଉଁଶଗଛ ଲଗାଇବା ଓ ପାଣି ପିଇବା ପାଇଁ ସ୍ୱତନ୍ତ୍ର ୩ଟା ପୋଖରି ଖୋଳାଯିବା ସମ୍ପର୍କରେ ପ୍ରକାଶ କରିଥିଲେ। ଏଥିସହ ଖାଲି ସ୍ଥାନରେ ବୃକ୍ଷ ରୋପଣର ବ୍ୟବସ୍ଥା ହେବ ବୋଲି ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ଖାଦ୍ୟ ଅନ୍ୱେଷଣରେ ହରିଣମାନେ ବାହାରକୁ ଚାଲିଆସି ସ୍ଥାନୀୟ ଗ୍ରାମର ଚାଷ ଉଜାଡ଼ିଦେବା ସହ ବୁଲା କୁକୁର ଓ ନିକଟସ୍ଥ ଟ୍ରେନ୍ ଲାଇନ ପାର ହେବା ସମୟରେ ଧକ୍କା ହୋଇ ମୃତ୍ୟୁମୁଖରେ ପଡୁଥିଲେ। ଦୀର୍ଘବର୍ଷ ତଳୁ ଚାଷ ଓ ହରିଣ ବଂଶର ସୁରକ୍ଷା ପାଇଁ ଜଙ୍ଗଲ ଚତୁଃପାର୍ଶ୍ୱରେ ପ୍ରାଚୀର ନିର୍ମାଣ ପାଇଁ ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନ ପକ୍ଷରୁ ଦାବି ଓ ଆନ୍ଦୋଳନ ହୋଇଆସୁଥିଲା। ସଙ୍ଗଠନ ସମ୍ପାଦକ ଇଂ. ବାବାଜୀ ଚରଣ ଜେନା ଓ ତପନ ମହାନ୍ତି ଡିଏଫ୍‌ଓଙ୍କୁ ଭେଟି କୃତଜ୍ଞତା ଜ୍ଞାପନ କରିବା ସହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ କହିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମରେ ଏସିଏଫ୍ ଅନିଲ କୁମାର ରାୟ ଓ ସୌଭାଗ୍ୟ କୁମାର ସାହୁ, ରେଞ୍ଜର ରବିନାରାୟଣ ମହାନ୍ତିଙ୍କ ସହ ଫରେଷ୍ଟର ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

### ବାଇକ୍ ଚୋରି ମାମଲା ; ଅଭିଯୁକ୍ତଙ୍କୁ ୨ ବର୍ଷ ଜେଲଦଣ୍ଡ

ପଟ୍ଟାମୁଣ୍ଡାଇ,୧୦।୧ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବଜାରରୁ ଜଣେ ବ୍ୟବସାୟଙ୍କ ବାଇକ୍ ଲୁଟ୍ ମାମଲାରେ ପଟ୍ଟାମୁଣ୍ଡାଇ ପ୍ରଥମ ଶ୍ରେଣୀ ବିଚାରପତି ସମୀକ୍ଷା ମହାନ୍ତି ଅଭିଯୁକ୍ତ ଦୀପକ ସେଠୀଙ୍କୁ ୨ବର୍ଷ ଜେଲ ଦଣ୍ଡାଦେଶ ରାୟ ପ୍ରକାଶ କରିଛନ୍ତି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବେଲତଳ ଗ୍ରାମର ଅଜୟ ବେହେରା ପଟ୍ଟାମୁଣ୍ଡାଇ ସହର ପୁରୁଣା ମାର୍କେଟ କମ୍ପ୍ଲେକ୍ସ ପାଖରେ ନିଜ ପାନଦୋକାନ ଆଗରେ ବାଇକ୍ ରଖିଥିଲେ। ଗତ ୧୬ ଅଗଷ୍ଟ ୨୦୨୩ ରାତି ୮ଟା ୨୦ରେ ଅଭିଯୁକ୍ତ ଦୀପକ ବାଇକ୍‌କୁ ଖୋଲି ନେଉଥିବା ବେଳେ ପାଖ ଦୋକାନୀ ଦେଖି ଚୋର ଚୋର ବୋଲି ଚିତ୍କାର କରିଥିଲେ। ଉପସ୍ଥିତ ଲୋକେ ଦୌଡ଼ିଆସି ରୁଣ୍ଡ ହୋଇ ବାଇକ୍ ଚୋରି କରୁଥିବା ଦୀପକଙ୍କୁ କାବୁକରି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଜିମା ଦେଇଥିଲେ। ଅଜୟ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଆଇଆଇସି ରଞ୍ଜିତ କୁମାର ମହାନ୍ତିଙ୍କ କେସ୍ ନଂ.୪୪୨/୨୩ରେ ଏକ ମାମଲା ରୁଜୁକରି ଏଏସ୍‌ଆଇ ବିଜୟ କୁମାର ସାହୁଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ଏଏସ୍‌ଆଇ ସାହୁଙ୍କ ତଦନ୍ତ ପରେ ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିବା ସହ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲା। ପରେ ଘଟଣାସ୍ଥଳର ସାକ୍ଷୀଙ୍କ ବୟାନ ଓ ବଳିଷ୍ଠ ପ୍ରମାଣ ଆଧାରରେ ଦୋଷୀକୁ କଡ଼ାଦଣ୍ଡ ପାଇଁ ସରକାରୀ ଓକିଲ ରାଜେନ୍ଦ୍ର ମିଶ୍ର ଓ ମଧୁସ୍ମିତା ଦାସ ଯୁକ୍ତି ବାଢ଼ିଥିଲେ। ଜିଆର କେସ୍ ନଂ.୯୧୨/୨୩ରେ ଏହି ମାମଲାର ଶୁଣାଣି ପଟ୍ଟାମୁଣ୍ଡାଇ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସମୀକ୍ଷା ମହାନ୍ତି ସାକ୍ଷ୍ୟପ୍ରମାଣକୁଭିତ୍ତିକରିଅଭିଯୁକ୍ତ ଦୀପକଙ୍କୁ ୨ ବର୍ଷ କାରାଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି।

# ପ୍ରଶାସନ ପାଖରେ ଦାବି ରଖିଲା ଜଗନ୍ନାଥ ଟେଣ୍ଟ ମାଲିକ ସଂଘ

ରାହାମା,୧୦।୧(ଶ୍ରୀକାନ୍ତ ଦାସ)

ଜଗତ୍‌ସିଂହପୁର ଜିଲାର ୬୦ ହଜାର ପରିବାରଙ୍କ ଜୀବନଜୀବିକା ପାଲଟିଛି ସାଉଣ୍ଡ ସିଷ୍ଟମ। ପ୍ରଶାସନ ଆମ ପାଇଁ ନୂତନ ଗାଇଡ୍‌ଲାଇନ ଆଣନ୍ତୁ, କିନ୍ତୁ ଆମର ଜୀବନ ଜୀବିକା ନ ହରାନ୍ତୁ। ସାଧାରଣ ଲୋକଙ୍କ ମନୋରଞ୍ଜନ ପାଇଁ ଆମେ ଲାଇଟ, ମାଇକ୍ ଓ ଡିଜେ ବଜାଉଛୁ। ସରକାରଙ୍କ କଟକଣା ମାନି ୬୦ ଡେସିବଲରୁ ଅଧିକ ଜୋର୍‌ରେ ମଧ୍ୟ କୌଣସି ସ୍ଥାନରେ ସାଉଣ୍ଡ ବଜାଯାଉନାହିଁ। କିନ୍ତୁ ସାଧାରଣରେ ଡିଜେକୁ ନେଇ ଏକ ଭିନ୍ନ ଧାରଣା ସୃଷ୍ଟି କରାଯାଉଛି। ଏଥିଯୋଗୁ ୬୦ ହଜାର ପରିବାର ଏବେ ଜୀବିକା ହରାଇବାର ସମ୍ଭାବନା ସୃଷ୍ଟି କରିଛି। ତେଣୁ ପ୍ରଶାସନ ଏଥିପ୍ରତି ଧ୍ୟାନଦେଇ ଡିଜେ ପାଇଁ ଏକ ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନ ପ୍ରସ୍ତୁତ କରିବାକୁ ଦାବି କରିଛି ଜଗନ୍ନାଥ ଟେଣ୍ଟ ସାଉଣ୍ଡ, ଲାଇଟ୍ ମାଲିକ ସଂଘ। କୁଜଙ୍ଗ ବ୍ଲକ ରାହାମା ଜିତ୍ ମଣ୍ଡପଠାରେ ବୁଧବାର ସାମ୍ବାଦିକ ସମ୍ମିଳନୀରେ ସଂଘ ଅନୁରୋଧ କରିଛି। ଆମେ ସରକାରଙ୍କ ପକ୍ଷରୁ ଯାହା ନିୟମ କରାଯାଉଛି ତାହା ପାଳନ କରୁଛୁ, କିନ୍ତୁ ଅଯଥାରେ ଡିଜେ ସାଉଣ୍ଡ କହି ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ଅପପ୍ରଚାର କରାଯାଉଛି। ଆମେ ଯେଉଁ ସ୍ଥାନରେ ସାଉଣ୍ଡ ବଜାଉଛୁ ଯଦି କିଛି ଅସୁବିଧା ସୃଷ୍ଟି ହୁଏ, ତେବେ ଗାଡ଼ିରେ ରହିଥିବା ଫୋନ୍ ନମ୍ବରରେ ଆମ ସହ ଯୋଗାଯୋଗ କରନ୍ତୁ। ଆମେ ତତ୍କ୍ଷଣାତ୍ ସମସ୍ୟାର ସମାଧାନ କରିବା ସହିତ ଯଦି ଉକ୍ତ ସାଉଣ୍ଡ ପରିବେଷଣରେ କିଛି ତ୍ରୁଟି ହୋଇଥିବା ଅନୁଭବ କରୁ ତେବେ ତୁରନ୍ତ ଉକ୍ତ ସାଉଣ୍ଡ ପରିବେଷଣ କରୁଥିବା ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଂଘର ସଭାପତି ଶିଶିର କୁମାର ଦାସ କହିଛନ୍ତି।

# ବୟସ୍କମାନେ ସମାଜର ଦିଗ୍‌ଦର୍ଶକ

## ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

ଏରସମା,୧୦।୧(ଦୀପ୍ତିରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ନାରଦିଆ ପଞ୍ଚାୟତସ୍ଥିତ ପଞ୍ଚପଲ୍ଲୀ ଗ୍ରାମରେ ନାରଦିଆ ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମେଶ୍ୱର ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ମଞ୍ଚର ସଭାପତି ରାଜେନ୍ଦ୍ର ପ୍ରସାଦ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏରସମା ଥାନା ଆଇଆଇସି ନିରଞ୍ଜନ ଦାସ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇ ବୟସ୍କମାନେ ହିଁ ସମାଜର ଦିଗ୍‌ଦର୍ଶକ ବୋଲି କହିଥିଲେ। ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ନାୟକ, ମଞ୍ଚର ଉପସଭାପତି କ୍ଷେତ୍ରମୋହନ ଦାସ, ସମ୍ପାଦକ ଶୁଭ ନାରାୟଣ ନାୟକ, କୋଷାଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ମିଶ୍ର, ପୋଖରିଆପଡ଼ା ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରଭାକର ସ୍ୱାଇଁ, ରବି ନାରାୟଣ ମୁଦୁଲି ପ୍ରମୁଖ ଉପସ୍ଥିତ ହୋଇ ସମାଜରେ ବରିଷ୍ଠମାନଙ୍କ ଭୂମିକା ଉପରେ ବକ୍ତବ୍ୟ ଦେଇଥିଲେ। ଏଥିରେ ବର୍ଷୀୟାନ୍ ବ୍ୟକ୍ତି ଭାବେ ହରପ୍ରସାଦ ମିଶ୍ର ଓ ସୁରେନ୍ଦ୍ର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ସ୍ଥାନୀୟ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଏଥିସହ ପଞ୍ଚପଲ୍ଲୀ-ଗାରଡ଼ମଲ୍ଲ ରାସ୍ତାରେ ଦେବଦାରୁ, ଆକାଶିଆ ବୃକ୍ଷଚାରା ରୋପଣ କରାଯାଇଥିଲା। ଶେଷରେ କ୍ଷେତ୍ରମୋହନ ଦାସ ଧନ୍ୟବାଦ ଦେଇଥିଲେ।

# ନୂତନ କାର୍ଯ୍ୟାଳୟ, ବହୁମୁଖୀ ଗୋଦାମ ଗୃହ ଉଦ୍‌ଘାଟିତ



ସେବା ସମବାୟ ଗୋଦାମ ଗୃହ ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥିମାନେ।

## ଗଜରାଜପୁର ପ୍ରାଥମିକ କୃଷି ସମବାୟ ସମିତି

ନାଉଗାଁ,୧୦।୧(ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଗଜରାଜପୁର ପ୍ରାଥମିକ କୃଷି ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଓ ବହୁମୁଖୀ ଗୋଦାମ ଗୃହର ଉଦ୍‌ଘାଟନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମିତିର ପରିଚାଳନା ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରକାରୀ ଦଳର ମୁଖ୍ୟ ସଚେତକ ତଥା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇ, ଓଡ଼ିଶାର ଯୁଗ୍ମ ନିବନ୍ଧକ ସମବାୟ ସମିତିସମୂହ ରୁଦ୍ରପ୍ରସାଦ ଦାସ, ଉପଜିଲାପାଳ ପ୍ରଦୀପ କୁମାର ସାହୁ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପାଲ, ଜିଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ମମତା ପରିଡ଼ା, ନିୟନ୍ତ୍ରିତ ବଜାର କମିଟି ଉପସଭାପତି ଦୀପ୍ତି କୁମାର ଦାଶ, ଉପସହକାରୀ ନିବନ୍ଧକ ଶିବପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଗଜରାଜପୁର ସମବାୟ ସମିତି ସଭାପତି ବସନ୍ତ କୁମାର ପାଢ଼ୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ମଙ୍ଗଳାକାନ୍ତ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମିତିର କର୍ମଚାରୀ ଲୋକନାଥ ଲେଙ୍କା, ଚନ୍ଦ୍ରକାନ୍ତ ଦାସଙ୍କ ସମେତ ପରିଷଦର ସଦସ୍ୟମାନେ ସହଯୋଗ କରିଥିଲେ।

# କେନ୍ଦ୍ରାପଡ଼ା ଜିଲା ଚାଷୀ ଶ୍ରମିକ ସଂଘ ବାର୍ଷିକ ଅଧିବେଶନ

ଡେରାବିଶ, ୧୦।୧(ବେବର୍ତ୍ତା ଅଜୟ ଦାସ)





ଛତାସ୍ଥିତ କୃଷକ ଭବନରେ ବନ୍ଧୁମିଳନ, ବାର୍ଷିକ ଅଧିବେଶନରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

କେନ୍ଦ୍ରାପଡ଼ା ଜିଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ନବବର୍ଷ ୨୦୨୪ ଅବସରରେ ଡେରାବିଶ ବ୍ଲକ୍ ଚାଟରାଚକଡ଼ା ପଞ୍ଚାୟତ ଛତାଠାରେ ଥିବା କୃଷକ ଭବନରେ ବନ୍ଧୁମିଳନ ଓ ବାର୍ଷିକ ଅଧିବେଶନ ବୁଧବାର ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ସଂଘ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତା କରି ଉପସ୍ଥିତ ସମସ୍ତ ସଂଘର ସଦସ୍ୟ ଓ ଚାଷୀମାନଙ୍କୁ ଅଭିବାଦନ ଜଣାଇଥିଲେ। ଦୀର୍ଘ ୩୮ ବର୍ଷ ଧରି ଜିଲାର ଚାଷୀମାନଙ୍କ ସମସ୍ୟାର ସମାଧାନ ପାଇଁ ଜିଲା ପ୍ରଶାସନଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ଯାଏ ସଂଘ ପକ୍ଷରୁ ଦାବି ଉପସ୍ଥାପନା ସହ ଜିଲାର ବିଭିନ୍ନ ସାଧାରଣ ସମସ୍ୟାର ସମାଧାନ କରିବାକୁ ଉଦ୍ୟମ କରିଆସିଛିବୋଲିସଭାପତିମିଶ୍ର କହିଥିଲେ।

ବାର୍ଷିକ ଅଧିବେଶନରେ ମୁଖ୍ୟ ଅତିଥିଭାବେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଳିକ ଯୋଗଦେଇ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ସମ୍ମାନିତ ଅତିଥି ଭାବେ ଡେରାବିଶ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ସଂଘ ଉପଦେଷ୍ଟା କୁଳମଣି ପରିଡ଼ା, ଅଧ୍ୟାପକ ପରୀକ୍ଷିତ ନାୟକ ଯୋଗଦେଇ ଡେରାବିଶ ବ୍ଲକ ସମେତ ସମଗ୍ର ଜିଲାରେ କୃଷି ଓ କୃଷକଙ୍କ ବିଭିନ୍ନ ସମସ୍ୟା ସହ ଜିଲା ଚାଷୀ ଶ୍ରମିକ ସଂଘ ନିଜକୁ ଜଡ଼ିତ କରିଛି । ଏଥିସହିତ କୃଷିର ଉନ୍ନତି ପାଇଁ ସମବାୟ ଆନ୍ଦୋଳନ ମାଧ୍ୟମରେ କୃଷକମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ କରାଯାଇଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । ଏହି ସଭାରେ ଅତିଥିଭାବେ ଅନନ୍ତ କିଶୋର ଭୂୟାଁ ଯୋଗଦେଇ ଦୀର୍ଘ ବର୍ଷ ହେଲା ଜମିଜମା ସଂକ୍ରାନ୍ତୀୟ ସମସ୍ୟା ନେଇ ଡେରାବିଶ ତହସିଲ ଅଧୀନ ୨୬ ପଞ୍ଚାୟତର ଅଧିବାସୀମାନେ ସମସ୍ୟାରେ ଜର୍ଜରିତ ହେଉଛନ୍ତି । ଛତାଠାରେ ଥିବା ଡେରାବିଶ ତହସିଲ କାର୍ଯ୍ୟାଳୟ ନିକଟରେ ସବ୍‌ରେଜିଷ୍ଟର କାର୍ଯ୍ୟାଳୟ ଖୋଲିବା ପାଇଁ ଜିଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନକୁ ଆହୁରି ଶାଣିତ କରାଯିବ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ଏହି ସଭାରେ କେନ୍ଦ୍ରାପଡ଼ା, ଡେରାବିଶ, ଗରଦପୁର ଓ କନିକା ବ୍ଲକ୍ ପାଇଁ ବ୍ଲକସ୍ତରୀୟ ସଂଘର କର୍ମକର୍ତ୍ତା ମନୋନୟନ କରାଯାଇଥିଲା । ଏଥିସହିତ ଡେରାବିଶ ବ୍ଲକର ଚାଟରାଚକଡ଼ା, କାଉପଡ଼ା, କୁରୁଜଙ୍ଗା, ନରସିଂହପୁର, ରଘୁଦେଇପୁର, ଲକ୍ଷ୍ମୀନାରାୟଣପୁର, ପଞ୍ଚାୟତସ୍ତରୀୟ କମିଟି ପୁର୍ନଗଠନ କରାଯାଇଛି । ସେହିପରି କେନ୍ଦ୍ରାପଡ଼ା ବ୍ଲକ୍‌ର ଭାଗବତପୁର, ଜମଧର, ଶ୍ୟାମସୁନ୍ଦରପୁର, ଚକ୍ରୋଡ଼ା, ଭରତପୁର, ପୁରୁଷୋତ୍ତମପୁର ପଞ୍ଚାୟତର କମିଟି ମଧ୍ୟ ପୁର୍ନଗଠିତ ହୋଇଛି । ଏହି ସଭାରେ ସଂଘ ସମ୍ପାଦକ କୃତୀବାସ ଦାସ ଅତିଥି ପରିଚୟ ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବସନ୍ତ କୁମାର ପଲେଇ, ଭରତ ସିଂହ, ଭାଗବତ ମଳିକ, ଶରତ ଚନ୍ଦ୍ର ମଳିକ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହି ସଭାରେ ସଂଘର ବରିଷ୍ଠ ସଦସ୍ୟ ତଥା ଅଗ୍ରଣୀ ଚାଷୀ ମଗୁଳି ଚରଣ ବେହେରା, ଅଧ୍ୟାପକ ପରୀକ୍ଷିତ ନାୟକ, ଅଞ୍ଜନ ପଲାଇ ଓ କମଳ କୁମାର ମହାନ୍ତିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ଗୋବିନ୍ଦ ଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

ଛତ୍ରପୁର,୧୦।୧
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ )

ଗଞ୍ଜାମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ବୈଠକରେ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ସମସ୍ତଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇ ସ୍ୱାଗତ କରିବା ସହ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ବିବରଣୀ ପାଠ କରିଥିଲେ। ସାଧାରଣତନ୍ତ୍ର ଦିବସ ପାଳନ ପରିପ୍ରେକ୍ଷୀରେ ଜିଲାର ଛାତ୍ରୀଛାତ୍ରମାନଙ୍କର ବୌଦ୍ଧିକ ପରୀକ୍ଷା ପାଇଁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଆସନ୍ତା ୧୭ ତାରିଖରେ ଓଡିଆ ବକ୍ତୃତା ପ୍ରତିଯୋଗିତା, ୧୮ରେ ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତା ଏବଂ ୧୯ରେ ଇଂରାଜୀ ବକ୍ତୃତା


ପ୍ରସ୍ତୁତି ବୈଠକରେ ଉପସ୍ଥିତ ଏଡିଏମ ଓ ଅନ୍ୟମାନେ ।

ପ୍ରତିଯୋଗିତା ହେବ। ସାଧାରଣତନ୍ତ୍ର ଦିବସ ପ୍ୟାରେଡରେ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିବେ। ଆସନ୍ତା ୨୨ ଓ ୨୩ ତାରିଖ ଅପରାହ୍ନ ୩ଟା ଏବଂ ୨୪ ତାରିଖ ପୂର୍ବାହ୍ନ ୮ଟାରେ ପ୍ୟାରେଡ଼ ଅଭ୍ୟାସ କରାଯିବ । ଜାତୀୟ ଉତ୍ସବ ପାଳନ ଦିନ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଭୋର ୫ଟାରେ ଛତ୍ରପୁର ସହରରେ ରାମଧୂନ ପରିବେଷଣ କରାଯିବ। ଛତ୍ରପୁରସ୍ଥିତ ପୋଲିସ ପ୍ୟାରେଡ଼ ପଡିଆରେ ସକାଳ ସାଢ଼େ ୮ଟାରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରି ଅଭିଭାଷଣ ପ୍ରଦାନ କରିବେ। ପ୍ୟାରେଡ୍ ପ୍ରତିଯୋଗିତାର ଶ୍ରେଷ୍ଠ ବିବେଚିତ ଦଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସିଲ୍ଡ ଏବଂ ଅନ୍ୟାନ୍ୟ କୃତୀ ହାସଲକାରୀ ଦଳଙ୍କୁ ମେମୋରିଆଲ୍ ସିଲ୍ଡ ପ୍ରଦାନ କରାଯିବ। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଅନୁଷ୍ଠିତ ସମସ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ଉକ୍ତ ଦିନ ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଗୁଡିକରେ ସକାଳ ୭ଟା ୧୫ ମିନିଟରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷ (ଋଷିକୁଲ୍ୟା)ଠାରେ ଅପରାହ୍ନ ୩ଟାରେ ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହେବ। ଛତ୍ରପୁର ଷ୍ଟାଡିୟମରେ ଅପରାହ୍ନ ୩ଟାରେ ଜିଲା ପ୍ରଶାସନ ଓ ଗଣ ମାଧ୍ୟମ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ୍ ହେବ। ସନ୍ଧ୍ୟାରେ ଛତ୍ରପୁରସ୍ଥିତ ଜିଲା ସଂସ୍କୃତି ଭବନ ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୈଠକରେ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ, ଛତ୍ରପୁର ଉପଜିଲାପାଳ ଦେବଦତ୍ତ ମହନ୍ତ, ସାଧାରଣ ପରିଚାଳକ, ଡି.ଆଇ.ସି. ପ୍ରସନ୍ନ କୁମାର ପାତ୍ର, ଛତ୍ରପୁର ବିଡିଓ ସୁଶାନ୍ତ କୁମାର ବରାଳ, ବ୍ଲକ୍ ଶିକ୍ଷାଧିକାରୀ ସୀତାରାମ ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ ମଳୟ କୁମାର ସାହୁ, ସମସ୍ତ ବିଦ୍ୟାଳୟ ଓ ମହା ବିଦ୍ୟାଳୟ ଏବଂ ବିଭିନ୍ନ ଅନୁଷ୍ଠାନର ମୁଖ୍ୟମାନେ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ଆସିକା ବନାଞ୍ଚଳରେ ୧୫ ପ୍ରଜାତିର ୩୯୭୪ ପକ୍ଷୀ

ଆସିକା,୧୦।୧(ସୁରେନ୍ଦ୍ର ନାଥ ସାହୁ)

ଆସିକା ବନାଞ୍ଚଳର ଆସିକା, ଶେରଗଡ, ଧରାକୋଟ ଓ ଷଡିଙ୍ଗିପଲ୍ଲୀ ସେକ୍ସନରେ ବୁଧବାର ପକ୍ଷୀ ଗଣନା ହୋଇଥିଲା। ଅଧିକ ପକ୍ଷୀ ସମାଗମ ହେଉଥିବା ୧୧ଟି ଜଳାଶୟ ନିକଟରେ ଗଣନା ହୋଇଥିଲା। ଏସବୁ ସ୍ଥାନରେ ୧୫ଟି ପ୍ରଜାତିର ସମୁଦାୟ ୩,୯୭୪ ପକ୍ଷୀ ରହିଥିବା ଜଣାପଡିଛି । ସେଥିମଧ୍ୟରେ ବଗ, ପାଣିକୁଆ, ଡାହୁକ, ମାଛରଙ୍କା, କୁଜି ହଂସ, ଟିଟିଆଁ, ଚିଲ ଆଦି ପକ୍ଷୀ ଅଛନ୍ତି। ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ବନ ବିଭାଗ କର୍ମଚାରୀମାନଙ୍କୁ ନେଇ ପକ୍ଷୀ ଗଣନା କରାଯାଇଥିଲା।

### ବୁଦ୍ଧଖୋଲ ପାଦଦେଶରେ ପ୍ଲାଷ୍ଟିକ୍‌ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ

ବୁଗୁଡ଼ା,୧୦।୧(କାଳିଚରଣ ଦାଶ)

ସ୍ଥାନୀୟ ଐତିହାସିକ ଶୈବପୀଠ ତଥା ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ବୁଦ୍ଧଖୋଲର ପାଦଦେଶରେ ଯୁବାଂଶ ୟୁଥ୍ ଅର୍ଗାନାଇଜେଶନ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅର୍ଗାନାଇଜେଶନ ଫାଉଣ୍ଡର ଇପ୍ସିତା ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପିପୁଲ୍ସ କଲେଜର ଏନ୍‌ସିସି, ୟୁଥ୍ ରେଡ୍‌କ୍ରସ ଓ ଏନ୍ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିବା ବେଳେ ଏଥିରେ ଅତିଥି ଭାବେ ଏସିଏଫ୍ ଓଁକାର ଦାଶ, ବୁଗୁଡ଼ା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର, ଅଧିବକ୍ତା ବିଭୁଦତ୍ତ ନାୟକ, ଅଧ୍ୟାପକ ଅଜୟ କୁମାର ସାହୁ, ବୁଦ୍ଧଖୋଲ ଉନ୍ନୟନ ସମିତି ସମ୍ପାଦକ ସୁରେଶ ଚନ୍ଦ୍ର ଦାଶ ଯୋଗଦେଇଥିଲେ। ଉକ୍ତ ପ୍ଲାଷ୍ଟିକମୁକ୍ତ ଅଭିଯାନ ଅବସରରେ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ବୁଦ୍ଧଖୋଲ ପାଦଦେଶସ୍ଥ ବିଭିନ୍ନ ପିକ୍‌ନିକ ସ୍ଥଳରୁ ପ୍ରାୟ ୨୦୦ କିଲୋଗ୍ରାମ ପ୍ଲାଷ୍ଟିକ ଏବଂ ପଲିଥିନ ସଂଗ୍ରହ ସାଙ୍ଗକୁ ପରିବେଶକୁ ସଫେଇ କରାଯାଇଥିଲା।

### ପରଳ ଚକ୍ଷୁ ପରୀକ୍ଷା ଶିବିର

କବିସୂର୍ଯ୍ୟନଗର,୧୦।୧(କୃପାସିନ୍ଧୁ ସ୍ୱାଇଁ)

ବରିଷ୍ଠ ସାମାଜିକ କର୍ମୀ ତଥା ବୁଢ଼ାମ୍ବ ସରପଞ୍ଚ ପ୍ରତିନିଧି ଯଜ୍ଞପ୍ରସାଦ ପଣ୍ଡା ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସମରଝୋଳ ହିଞ୍ଜିଳିକାଟୁଙ୍କ ମିଳିତ ଆନୁକୂଲ୍ୟରେ ବୁଧବାର ଏକ ମାଗଣା ପରଳ ଚକ୍ଷୁ ପରୀକ୍ଷା ଶିବିର ବୁଢ଼ାମ୍ବଠାରେ ହୋଇଯାଇଛି। ଉକ୍ତ ଶିବିରକୁ ଯଜ୍ଞପ୍ରସାଦ ପଣ୍ଡା ଦୀପ ପ୍ରଜ୍ୱଳନପୂର୍ବକ ଆରମ୍ଭ କରିଥିଲେ। ଏଥିରେ ସମସ୍ତ ପ୍ରକାର ଚକ୍ଷୁର ପରୀକ୍ଷା ନିଃଶୁଳ୍କ କରାଗଲା । ମୋଟ ୧୧୩ ଜଣଙ୍କର ଚକ୍ଷୁ ପରୀକ୍ଷା ମଧ୍ୟରୁ ୧୭ଙ୍କୁ ଚଷମା, ୪୮ଙ୍କୁ ପରଳ ଓ ଆଜି ୪୧ ଜଣଙ୍କୁ ଅସ୍ତ୍ରୋପଚାର ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ହସ୍ପିଟାଲକୁ ପଠାଗଲା। ୧୧ଜଣଙ୍କର ରେଟିନା ଚେକ୍‌ଅପ୍ କରଗଲା। ଯଜ୍ଞପ୍ରସାଦ ପଣ୍ଡାଙ୍କ ସୂଚନା ଅନୁଯାୟୀ କବିସୂର୍ଯ୍ୟନଗରର ଗରିବ ଲୋକଙ୍କ ପାଇଁ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସମରଝୋଳ ହିଞ୍ଜିଳିକାଟୁଙ୍କ ମିଳିତ ଆନୁକୂଲ୍ୟରେ ଏହି ପ୍ରକାରର ମାଗଣା ପରଳ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ ପ୍ରତିମାସର ଦ୍ୱିତୀୟ ଶୁକ୍ରବାର ଦିନ କରାଯିବ । ନଳିନୀକାନ୍ତ ରାଉତ, ମିସ୍ ଅଙ୍କିତା, ମିସ୍ ସୂଚନା ରାଉତ ଓ ଈପ୍ସିତ ସାଙ୍କିଲି ପରିଚାଳନା କରିଥିଲେ।

# ରାଜ୍ୟପାଳ ତାରାତାରିଣୀ ପୀଠକୁ ଯିବେ ଆଜି

ଛତ୍ରପୁର,୧୦।୧(ସନ୍ତୋଷ ପାଢ଼ୀ )

ଓଡ଼ିଶା ରାଜ୍ୟପାଳ ରଘୁବର ଦାସ ଗୁରୁବାର ଗଞ୍ଜାମ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ନିମନ୍ତେ ଚୂଡାନ୍ତ ହୋଇଛି। ବୁଧବାର ସେ ଗଜପତି ଜିଲାରୁ ଫେରି ରାତିରେ ଗୋପାଳପୁରସ୍ଥିତ ସର୍କିଟ୍ ହାଉସରେ ରହିବେ। ଗୁରୁବାର ପୂର୍ବାହ୍ନ ୧୦ଟା ୧୫ ମିନିଟରେ ମା' ତାରାତାରିଣୀଙ୍କ ପୀଠକୁ ଦର୍ଶନ କରିବେ। ସେଠାରୁ ହୁମ୍ମା ସ୍ଥିତ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଇ "ପୋଷଣ" କାର୍ଯ୍ୟକ୍ରମରେ ଯୋଗ ଦେବେ। ପରେ ଡ଼ିମିରା ଗ୍ରାମକୁ ଯାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମିଳିଥିବା ଲାଭାର୍ଥୀ ମାନଙ୍କ ସହ ସାକ୍ଷାତ ଏବଂ ସରକାରୀ ବିଦ୍ୟାଳୟକୁ ଯିବେ। ଦିନ ସାଢ଼େ ୧ଟାରେ ଛତ୍ରପୁର ସର୍କିଟ୍ ହାଉସ୍ ଠାରେ ମଧ୍ୟାହ୍ନ ଭୋଜନ କରିବେ। ଅପରାହ୍ନ ସାଢ଼େ୨ଟାରେ ଚମାଖଣ୍ଡି ସ୍ଥିତ ସେଣ୍ଟ୍ରାଲ ଫୁଡ୍ ପ୍ରୋସେସିଂ ୟୁନିଟ୍ ଗସ୍ତ କରି ମହିଳା ସଂଘ ସଦସ୍ୟ ମାନଙ୍କୁ ସାକ୍ଷାତ କରିବେ। ସେଠାରୁ କୁକୁଡ଼ାଖଣ୍ଡି ଆସି ମିନି ଷ୍ଟାଡିୟମରେ ଗ୍ରାମବାସୀ, ଚାଷୀ ଏବଂ ମତ୍ସ୍ୟଜୀବୀ ମାନଙ୍କ ସହ ମତଶିବା ସହ ଜନ ସମ୍ବାଦ କାର୍ଯ୍ୟକ୍ରମରେ ଯୋଗ ଦେବେ । ୪ଟା ୫୦ରେ ରଙ୍ଗେଇଲୁଣ୍ଡା ଏୟାର ଷ୍ଟ୍ରିପ୍ ଯାଇ ଭୁବନେଶ୍ୱର ଫେରିଯିବେ ବୋଲି ସୂଚନା ମିଳିଛି।

# ସାଧାରଣ ବର୍ଗ, ଓବିସି ଶିକ୍ଷାର୍ଥୀଙ୍କ ପାଇଁ ହାଇସ୍କୁଲ ଦାବି


ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି ଅଞ୍ଚଳବାସୀ।

ମୋହନା,୧୦।୧(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ବ୍ଲକ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ବ୍ଲକ ହୋଇଥିଲେ ସୁଦ୍ଧା ଏଠାରେ ସାଧାରଣ ଏବଂ ଓବିସି ବର୍ଗ ପିଲାଙ୍କ ପାଠପଢ଼ା ପାଇଁ ହାଇସ୍କୁଲ ନାହିଁ। ଏଠାରେ ଗୋଟିଏ ହାଇସ୍କୁଲ ଖୋଲିବା ପାଇଁ ଜନସାଧାରଣ ଦୀର୍ଘ ବର୍ଷ ହେଲା ଦାବି କରି ଆସୁଛନ୍ତି। କିନ୍ତୁ ପ୍ରଶାସନ ନୀରବଦ୍ରଷ୍ଟା। ମୋହନା, କଣ୍ଟେଇକୋଳି, ରଙ୍ଗମାଟିଆ, ବେତାର ସିଂ, ଖାରିଗୁଡ଼ା ଆଦି ସ୍କୁଲଗୁଡ଼ିକରୁ ବର୍ଷକୁ ୨୦୦ରୁ ଊର୍ଦ୍ଧ୍ୱ ସାଧାରଣ ଏବଂ ଓବିସି ବର୍ଗର ଛାତ୍ରୀଛାତ୍ର ଅଷ୍ଟମ ପାସ୍ କରୁଥିବା ବେଳେ ନବମ ଶ୍ରେଣୀରେ ନାମଲେଖାଇବା ପାଇଁ ହାଇସ୍କୁଲ ନାହିଁ। ଫଳରେ ଛାତ୍ରୀଛାତ୍ରମାନେ ୫ରୁ ୧୦ କିଲୋମିଟର ଦୂରତାରେ ରହିଥିବା ବିଦ୍ୟାଳୟକୁ ଯାଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ପାଠ ପଢ଼ନ୍ତି। ଅପରପକ୍ଷେ, ମୋହନାରେ ଏସ୍‌ଏସ୍‌ଡି ହାଇସ୍କୁଲ ରହିଛି କିନ୍ତୁ ଏହା ଆଦିବାସୀ ଓ ହରିଜନ ବିଦ୍ୟାର୍ଥୀଙ୍କ ପାଇଁ ସଂରକ୍ଷିତ ହୋଇଥିବାରୁ ସାଧାରଣ ବର୍ଗର ଛାତ୍ରୀଛାତ୍ରମାନେ ଶିକ୍ଷାଲାଭରୁ ବଞ୍ଚିତ ହେଉଛନ୍ତି। ମୋହନାରେ ବହୁ ପୁରାତନ ୟୁପି ସ୍କୁଲଟିଏ ବଜାର ପାର୍ଶ୍ୱରେ ରହିଛି। ଉକ୍ତ ୟୁପି ସ୍କୁଲ ମଧ୍ୟରେ ହାଇସ୍କୁଲ ପାଇଁ ଭିତ୍ତିଭୂମି ଓ ଶିକ୍ଷକ ମଧ୍ୟ ଅଛନ୍ତି। ତେଣୁ ଏହି ୟୁପି ସ୍କୁଲକୁ ଅପଗ୍ରେଡ୍ କରି ହାଇସ୍କୁଲ ଖୋଲିବା ପାଇଁ ମୋହନାର ବୁଦ୍ଧିଜୀବୀ ମଧୁସୂଦନ ପାଢ଼ୀ, ଜିତେନ୍ଦ୍ର କୁମାର ବେହେରା, ପ୍ରଶାନ୍ତ ବୀର ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଭାବେ ଦାବି କରିଛନ୍ତି। ଜିଲାପାଳ ଅଭିଯୋଗକୁ ଗ୍ରହଣ କରି ତୁରନ୍ତ କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି।

# କଳିଙ୍ଗ ହର୍ବାଲ ମେଳା ଉଦ୍‌ଘାଟିତ

ଫୁଲବାଣୀ,୧୦।୧(ରାକେଶ କୁମାର ରାଉତ)

ଫୁଲବାଣୀ କରୋନେଶନ ପଡ଼ିଆରେ ବୁଧବାର କଳିଙ୍ଗ ହର୍ବାଲ ମେଳା ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଔଷଧୀୟ ବୃକ୍ଷ ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ସୁଦୀପ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ସଞ୍ଜୟ କୁମାର ସ୍ୱାଇଁ, ବାଲିଗୁଡ଼ା ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା, ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କାମ୍ପା, ଫୁଲବାଣୀ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ସୁଦର୍ଶନ ବାଡ଼ି, ଜି.ଉଦୟଗିରି ସହକାରୀ ବନ ସଂରକ୍ଷକ ଦିବାକର ବେହେରା ଯୋଗ ଦେଇଥିଲେ। ଫୁଲବାଣୀ ବନଖଣ୍ଡ ଅଧିକାରୀ ପ୍ରଶାନ୍ତ


ହର୍ବାଲ ମେଳାରେ ଉପସ୍ଥିତ ଅତିଥି।

ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥିମାନେ ଔଷଧୀୟ ବୃକ୍ଷର ଉପାଦେୟତା ଉପରେ ଆଲୋଚନା କରିଥିଲେ। ଜନ ମାନସରୁ ଅପସରି ଯାଉଥିବା ବିଭିନ୍ନ ଗଛକୁ କେମିତି ବଞ୍ଚାଇ ପରିବେଶକୁ ସୁରକ୍ଷିତ ରଖିବା ଏବଂ ବୃକ୍ଷ ରୋପଣ ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ଆୟୁର୍ବେଦ ଔଷଧର ସେବନ ଓ ଉପକାରିତା ଉପରେ ଉପସ୍ଥିତ ଲୋକଙ୍କୁ ଅବଗତ କରିଥିଲେ। ଏହି ମେଳା ୧୪ ତାରିଖ ଯାଏ ଚାଲିବ। ମେଳାରେ ୫୫ରୁ ଊର୍ଦ୍ଧ୍ୱ ଷ୍ଟଲ କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ବୈଦ୍ୟମାନେ ଆସି ଆୟୁର୍ବେଦ ଔଷଧ ବିକ୍ରି କରୁଛନ୍ତି।

### ରାସନ ବଣ୍ଟନ ପରେ ହଟିଲା ରାସ୍ତା ଅବରୋଧ

ଖଜୁରିପଡ଼ା,୧୦।୧(ବିଦୁର ବେହେରା)

ଖଜୁରିପଡ଼ା ବ୍ଲକର ପ୍ରତି ପଞ୍ଚାୟତରେ ରାଶନ ଚାଉଳ ବଣ୍ଟନ ହେଉଥିବା ବେଳେ ଦୁତୀମେଣ୍ଡି ପଞ୍ଚାୟତବାସୀ ଚାଉଳ ପାଇବାରୁ ବଞ୍ଚିତ ହୋଇଥିଲେ। ଏ ନେଇ ବୁଧବାର ଧରିତ୍ରୀରେ ଖବର ପ୍ରକାଶ ପାଇବାପରେ ଦୁତୀମେଣ୍ଡି ପଞ୍ଚାୟତର ରାଶନ କାର୍ଡ ହିତାଧିକାରୀମାନେ ୪ ଘଣ୍ଟା ଧରି ଫୁଲବାଣୀ ଭୁବନେଶ୍ୱର ଜାତୀୟ ରାଜପଥ ୧୫୭କୁ ଅବରୋଧ କରିଥିଲେ। ଖବର ପାଇ ପୋଲିସ ବାହିନୀ ସହିତ ଖଜୁରିପଡ଼ା ବିଡିଓ ଜର୍ଜ ଡୁଙ୍ଗୁ ଡୁଙ୍ଗୁ, ଜିଲା ଅତିରିକ୍ତ ଖାଦ୍ୟ ଯୋଗାଣ ଅଧିକାରୀ ଦିଲୀପ କୁମାର ପାଣିଗ୍ରାହୀ, ବ୍ଲକ ଖାଦ୍ୟ ଯୋଗାଣ ଅଧିକାରୀ ପି. ଭାର୍ଗବୀ ପହଞ୍ଚି ହିତାଧିକାରୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଉତ୍ତ୍ୟକ୍ତ ଲୋକେ କିଛି ମଧ୍ୟ ବୁଝି ନ ଥିଲେ। ପରେ ବିଡିଓଙ୍କ ଉପସ୍ଥିତିରେ ରାଶନ ଚାଉଳ ଆସି ମଲ୍ଲିକ ସାହି ସ୍କୁଲରେ ବଣ୍ଟନ ହେବା ପରେ ଅପରାହ୍ନରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ରାସ୍ତା ଅବରୋଧ ହେବା ଦ୍ୱାରା ୪ ଘଣ୍ଟା ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।

### କମଳା ପ୍ରକାଶନୀ ପ୍ରତିଷ୍ଠାତାଙ୍କ ପରଲୋକ

ଫୁଲବାଣୀ,୧୦।୧(ରାକେଶ କୁମାର ରାଉତ)

ଫୁଲବାଣୀ ସହରର 'କମଳା ପ୍ରକାଶିନୀ'ର ପ୍ରତିଷ୍ଠାତା କମଳା ମହାପାତ୍ର(୮୮)ଙ୍କ ପରଲୋକ ଘଟିଛି। ସେ ଜଣେ ପରୋପକାରୀ ଓ ଧର୍ମ ପରାୟଣା ମହିଳା ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ବହୁ ବୁଦ୍ଧିଜୀବୀ, କବି, ଲେଖକ, ଶୁଭେଚ୍ଛୁ, ଆତ୍ମୀୟ ସ୍ୱଜନମାନେ ଆସି ଶେଷ ଦର୍ଶନ କରିଥିଲେ। ବଡ଼ ପୁଅ ପ୍ରସନ୍ନ କୁମାର ମହାପାତ୍ର ମୁଖାଗ୍ନି ଦେଇଥିଲେ। ବରିଷ୍ଠ ସାହିତ୍ୟିକ ଡ. ନୃସିଂହାନନ୍ଦ ସ୍ୱର୍ଗତ ମହାପାତ୍ରଙ୍କର ସାନ ପୁଅ ଅଟନ୍ତି । ଜିଲା ଲେଖକ ସାମ୍ମୁଖ୍ୟ, ଅଖିଳ ଭାରତୀୟ ସାହିତ୍ୟ ପରିଷଦ, କନ୍ଧମାଳ ରୋଟାରି କ୍ଲବ, ନିରଞ୍ଜନ ଦିବ୍ୟାଙ୍ଗ ସେବା ସମିତି ପ୍ରଭୃତି ଅନୁଷ୍ଠାନର କର୍ମକର୍ତ୍ତାମାନେ ଶୋକବ୍ୟକ୍ତ କରିଛନ୍ତି। ମୃତ୍ୟୁ ଶଯ୍ୟାରେ ତାଙ୍କ ପୁଅ, ଝିଅ, ବୋହୂ, ନାତି ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ।

# ସିପିଆଇର କାର୍ଯ୍ୟକାରିଣୀ ବୈଠକ

ଛତ୍ରପୁର,୧୦।୧(ଦିଲୀପ ସାମଲ)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ)ର ଛତ୍ରପୁର ନିର୍ବାଚନ ମଣ୍ଡଳୀସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ବୁଧବାର ସ୍ଥାନୀୟ ଲକ୍ଷ୍ମଣ ଭବନ ପରିସରରେ ଏସ୍. କ୍ରିଷ୍ଣା ରେଡ୍ଡୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାର୍ଟିର ଜିଲା ସମ୍ପାଦକ ପ୍ରକାଶ ପାତ୍ର ଯୋଗଦେଇ ଦଳୀୟ ନେତା ଓ କର୍ମୀମାନଙ୍କୁ ଆଗକୁ ଆସୁଥିବା ସାଧାରଣ ନିର୍ବାଚନ ନିମନ୍ତେ ଗୁରୁମନ୍ତ୍ର ଦେଇଥିଲେ। ଏହି ନିର୍ବାଚନମଣ୍ଡଳୀରେ ଦଳ ପକ୍ଷରୁ ବିଧାୟକ ପ୍ରାର୍ଥୀ ଦିଆଯିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି। ପ୍ରାର୍ଥୀଙ୍କ ନାମ ଚଳିତ ମାସର ଶେଷସୁଦ୍ଧା ପ୍ରକାଶ କରାଯିବ। ଦଳ ଶ୍ରମିକ, ଚାଷୀ ଏବଂ ସ୍ଥାନୀୟ ବିଭିନ୍ନ ସମସ୍ୟା ଉପରେ ପ୍ରସଙ୍ଗ ଉଠାଇବ। ବୈଠକରେ ଜିଲା ସହସମ୍ପାଦକ ନୀଳକଣ୍ଠ ଦାଶ, ଛତ୍ରପୁର ଜୋନାଲ ସହସମ୍ପାଦକ ରାଜେନ୍ଦ୍ର

ଛତ୍ରପୁର ନିର୍ବାଚନମଣ୍ଡଳୀ


ବୈଠକରେ ଉପସ୍ଥିତ ନେତା ଓ କର୍ମୀମାନେ।

ନାହାକ ଓ ଦୁର୍ଯ୍ୟୋଧନ ପରିଡା, ଚମାଖଣ୍ଡି ଜୋନାଲ ସମ୍ପାଦକ ସି.ଏଚ୍. ଜନାର୍ଦ୍ଦନ ରେଡ୍ଡୀ, ସହସମ୍ପାଦକ ଏନ୍. ଗିରିଜା ପ୍ରସାଦ ରେଡ୍ଡୀ ଓ ଗୁରୁନାଥ ପ୍ରଧାନ, ଗଞ୍ଜାମ ଜୋନାଲ ସମ୍ପାଦକ ଦଣ୍ଡପାଣି ପାତ୍ର, ପୂର୍ଣ୍ଣଚନ୍ଦ୍ର ରଥ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ରାଜୀବ ଲୋଚନ ପଣ୍ଡା, ନାରିନେତ୍ରୀ ଏନ୍. ଭାନୁମତୀ ରେଡ୍ଡୀ, ପୂର୍ବତନ ସରପଞ୍ଚ ସୀମାଞ୍ଚଳ ସାହୁ, ସିକନ୍ଦର ଖାନ୍, ପ୍ରଫୁଲ୍ଲ ପାଣିଗ୍ରାହୀ, ଏସ୍. ତ୍ରିନାଥ ରେଡ୍ଡୀ, ନାରାୟଣ ନାୟକଙ୍କ ସମେତ ବହୁ ଦଳୀୟ ଛାମୁଆ ନେତା ଓ କର୍ମୀମାନେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନ ମାରଣ ନୀତି ବିରୋଧରେ କହିଥିଲେ। ନିର୍ବାଚନରେ ଦଳୀୟ ବିଧାୟକ ପ୍ରାର୍ଥୀ କିପରି ବିଜୟୀ ହେବେ ସେ ନେଇ ଆଲୋଚନା ହୋଇଥିଲା।

# ଆର୍‌ବିଆଇର ଆର୍ଥିକ ସଚେତନତା ଉପରେ ୱାକାଥନ

ଫୁଲବାଣୀ, ୧୦।୧
(ରାକେଶ କୁମାର ରାଉତ)

ଫୁଲବାଣୀରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱର ପକ୍ଷରୁ ଆର୍ଥିକ ସାକ୍ଷରତା ଓ ସଚେତନତା ଉପରେ ଏକ 'ୱାକାଥନ' ଆୟୋଜିତ ହୋଇଯାଇଛି। ଏହି 'ୱାକାଥନ' ସର୍କିଟ ହାଉସଠାରୁ ଆରମ୍ଭ ହୋଇ ଗାନ୍ଧୀ ସ୍ମୃତି ଭବନରେ ଶେଷ ହୋଇଥିଲା। ଏଥିରେ ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ, ଉଦ୍ୟୋଗୀ, କୃଷକ, ବରିଷ୍ଠ ନାଗରିକ ପ୍ରାୟ ୨୫୦ ଜଣ ଅଂଶଗ୍ରହଣ କରିଥିଲେ। 'ୱାକାଥନ' ପରେ ଏକ କ୍ଷେତ୍ର ସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀଙ୍କ ଦ୍ୱାରା ଆର୍ଥିକ ସାକ୍ଷରତା, ସାଇବର ସିକ୍ୟୁରିଟି, ଡିଜିଟାଲ ବ୍ୟାଙ୍କିଙ୍ଗ, ବିଭିନ୍ନ ପ୍ରକାରର ଠକେଇ, ଚିରା ଓ ଫଟା ନୋଟ ବିନିମୟ ସୁବିଧା, ବ୍ୟାଙ୍କରେ ଅଭିଯୋଗ ସମାଧାନର ବ୍ୟବସ୍ଥା, ଆରବିଆଇର ଏକୀକୃତ ଲୋକପାଳ ଯୋଜନା ଆଦି ଉପରେ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ରିଜର୍ଭ ବ୍ୟାଙ୍କ୍‌ର ଡେପୁଟି ଜେନେରାଲ ମ୍ୟାନେଜର ମାରୁତ ପ୍ରକାଶ ବେହେରା, ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ ଅଶୋକ କୁମାର ଭୋଇ, ଏସିଆଇ ଆଞ୍ଚଳିକ ପରିଚାଳକ ମାନସ ଆଚାର୍ଯ୍ୟ, ମୁଖ୍ୟ ଜିଲା ପ୍ରବନ୍ଧକ ହରେକୃଷ୍ଣ ଜେନା, ନାବାର୍ଡର ଜିଲା ଉନ୍ନୟନ ପ୍ରବନ୍ଧକ ଏସ୍‌କେ ମହାନ୍ତି ଓ ଆରବିଆଇର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା କର୍ମଶାଳା



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଭଞ୍ଜନଗର,୧୦।୧(ବାବୁଲା ପ୍ରଧାନ)

ଭଞ୍ଜନଗର ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା କର୍ମଶାଳା ବୁଧବାର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶୂନ୍ୟ ମୃତାହତ ଉପରେ ଅଧିକାଂଶ ବକ୍ତା ମତବ୍ୟକ୍ତ କରିଥିଲେ। ପ୍ରତିବର୍ଷ ବନ୍ୟା, ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟକୁ ନେଇ ଓଡ଼ିଶାବାସୀଙ୍କ ମଧ୍ୟରେ ଛନକା ପଶିଥାଏ। ପ୍ରାକୃତିକ ବିପର୍ଯ୍ୟୟକୁ କିପରି ସମନ୍ୱୟ ରଖି ଆଗୁଆ ମୁକାବିଲା କରାଯିବ ସେ ନେଇ ଏହି କର୍ମଶାଳା ହୋଇଥିଲା। ଭଞ୍ଜନଗର ବିଡିଓ ଶଶିଭୂଷଣ ମହାପାତ୍ର, ବ୍ଲକ ଅଧ୍ୟକ୍ଷ ନରିସଭା ନାୟକ ପ୍ରମୁଖ ଯୋଗଦେଇ ଶୂନ୍ୟ ମୃତାହତ ପାଇଁ ବ୍ଲକ ଓ ପଞ୍ଚାୟତର ସମସ୍ତ ସରକାରୀ ଅଧିକାରୀ ପଞ୍ଚାୟତ ଜନପ୍ରତିନିଧିଙ୍କ ସହ ସମନ୍ୱୟ ରଖି ବିପର୍ଯ୍ୟୟର ମୁକାବିଲା କରିବାକୁ କହିଥିଲେ। ଏହି ଅବସରରେ ବାର୍ଡର ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା ବାବଦରେ ତାଲିମ ଦେଇଥିଲେ। ବିପର୍ଯ୍ୟୟ ସମୟରେ ଗର୍ଭବତୀ, ପ୍ରସୂତି ମହିଳା, ଛୋଟ ଶିଶୁ, ବୃଦ୍ଧାବୃଦ୍ଧଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରିବା ସହ ବ୍ୟବହୃତ ହେବାକୁ ଥିବା ସମସ୍ତ ଯନ୍ତ୍ରାଂଶକୁ ଆଗୁଆ ପ୍ରସ୍ତୁତ କରି ରଖିବା ଦିଗରେ ଅବଗତ କରାଇଥିଲେ। କର୍ମଶାଳାରେ ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ କୁମାର ରାୟ, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ, ଭଞ୍ଜନଗର ବ୍ଲକ ଗ୍ରାମପଞ୍ଚାୟତ ଅଫିସର ପ୍ରିୟଦର୍ଶିନୀ ମଲିକ ପ୍ରମୁଖ ମଞ୍ଚାସୀନ ରହିଥିଲେ। ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିଙ୍କ ସମେତ ଅଗ୍ନିଶମ, ଗ୍ରାମ୍ୟ ଜଳଯୋଗାଣ, ବିଦ୍ୟୁତ୍, ଶିକ୍ଷା, କୃଷି, ଉଦ୍ୟାନ କୃଷି, ପଶୁସମ୍ପଦ, ଜଙ୍ଗଲ, ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗର ଅଧିକାରୀ, ବୁଦ୍ଧିଜୀବୀ ଏବଂ ସମ୍ମାନନୀୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

### ପୋଲିସ, ସେକ୍ଟର ଅଫିସରଙ୍କୁ ପ୍ରଶିକ୍ଷଣ

ଛତ୍ରପୁର,୧୦।୧(ଦିଲୀପ ସାମଲ)

ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ଜିଲା ପରିଷଦର ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ସାଧାରଣ ନିର୍ବାଚନରେ ନିୟୋଜିତ ହେବାକୁ ଥିବା ପୋଲିସ ଓ ସେକ୍ଟର ଅଫିସରମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବୁଧବାର ଦ୍ୱିତୀୟ ଦିନରେ ଭଞ୍ଜନଗର ଉପଖଣ୍ଡସ୍ତରୀୟ ପୋଲିସ ଓ ସେକ୍ଟର ଅଫିସରମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ଦିବ୍ୟ ଜ୍ୟୋତି ପରିଡା, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭି.କୀର୍ତ୍ତୀଭାସନ, ଅତିରିକ୍ତ ଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି , ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଡେପୁଟି କଲେକ୍ଟର ଦୟାସିନ୍ଧୁ ପରିଡା, ଡେପୁଟି କଲେକ୍ଟର (ନିର୍ବାଚନ) ରାଜେଶ ଏକା, ଆସିଷ୍ଟାଣ୍ଡ କଲେକ୍ଟର ଓମ୍ ପ୍ରକାଶ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ଧାନଗଦା ଦଳିଦେଲେ ହାତୀପଲ, ଚିନ୍ତାରେ ଚାଷୀ

ବେଲଗୁଣ୍ଠା,୧୦।୧(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବର୍ଷକର ଫସଲ ନଷ୍ଟ କରିଛନ୍ତି ହାତୀପଲ। ବର୍ଷ ସାରା କିପରି ଗରୀବ ଚାଷୀ ନିଜ ପରିବାରର ପ୍ରତିପୋଷଣ କରିବ ସେହି ଚିନ୍ତାରେ ପଡ଼ିଛି। ବର୍ଷ ଆରମ୍ଭରୁ ନିଅଣ୍ଟିଆ ବର୍ଷା ଯୋଗୁ ଧାନ ଚାଷରେ ଚାଷୀ ବହୁତ କ୍ଷତି ସହିଥିବା ବେଳେ ଯାହା କିଛି ସାଇତି ରଖିଥିଲା ସେସବୁକୁ ହାତୀପଲ ଏବେ ନଷ୍ଟ କରିବାରେ ଲାଗିଛନ୍ତି। ଗତ କିଛି ଦିନ ହେବ ଗାଙ୍ଗପୁର ବନଖଣ୍ଡ ଅଞ୍ଚଳରେ ଜଙ୍ଗଲୀ ହାତୀଙ୍କ ଉପଦ୍ରବ ବଢ଼ି ଚାଲିଛି। ରାତିରେ ଏକ ୧୯ ଜଣିଆ ହାତୀପଲ ଗାଁ ପାଖକୁ ମାଡ଼ି ଆସି ଲୋକଙ୍କ ବାଡ଼ି, ବଗିଚା ଏବଂ ଶସ୍ୟ କ୍ଷେତ୍ରରେ ପଶି ଗଛ ଗୁଡ଼ିକୁ ଦଳି ଚକଟି ନଷ୍ଟ କରିଦେବା ଯୋଗୁ ଏହି ଅଞ୍ଚଳର ଚାଷୀମାନେ ନିଜ ଫସଲ ସୁରକ୍ଷା ଚିନ୍ତାରେ ଦିନ କାଟୁଛନ୍ତି। ମଙ୍ଗଳବାର ରାତିରେ ଏହି ୧୯ ଟିକିଆ ହାତୀପଲ ବୁଢାକେନ୍ଦୁ ରାଇପଡା ହୋଇ ଗୋବରା ମୁଖ୍ୟ ସଡ଼କକୁ ବାହାରି ବିରିପୁର


ହାତୀପଲ ନଷ୍ଟ କରିଥିବା ଫସଲ ।

ଏବଂ ଡେଙ୍ଗାପଦର ଗାଁରେ ପଶି ସେହି ଗ୍ରାମର କିଛି ଚାଷୀଙ୍କ ଧାନଗଦାଗୁଡ଼ିକୁ ଦଳି ମକଚି ନଷ୍ଟ କରିଦେବା ସହ କିଛି ଗଦାରୁ ଧାନ ମଧ୍ୟ ଖାଇଥିବା ଅଭିଯୋଗ ହୋଇଛି। ଡେଙ୍ଗାପଦର ଗ୍ରାମର ଚାଷୀ ଦିବାକର ନାୟକ, ବିଜୟ ମହାନ୍ତି ଏବଂ ମୋତିରାମ ସେଠୀଙ୍କ ଧାନ ଗଦା ଗୁଡ଼ିକୁ ହାତୀପଲ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି। ଯାହାର ମୂଲ୍ୟ ପଚାଶ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଗ୍ରାମ୍ୟ ସଭାପତି ବିପ୍ର ଚରଣ ନାୟକ ପ୍ରକାଶ କରିଛନ୍ତି। ପ୍ରତିବର୍ଷ ହାତୀପଲ ଥରେ ଦୁଇଥର ଏହି ଅଞ୍ଚଳକୁ ଆସି ଫସଲ ନଷ୍ଟ କରୁଛନ୍ତି। ଏନେଇ ଚାଷୀମାନେ ଲିଖିତ ଅଭିଯୋଗ ଦେବା ସହିତ କ୍ଷତି ପୂରଣ ପାଇଁ ଦାବି ବି କରୁଛନ୍ତି। କିନ୍ତୁ ବିଭାଗ କ୍ଷତି ପୂରଣର ପ୍ରତିଶ୍ରୁତି ଦେଇ ବର୍ଷ ବର୍ଷ ଧରି ନୀରବ ରହୁଥିବା ବହୁ ଚାଷୀ ଅଭିଯୋଗ କରିଛନ୍ତି। ଏଣୁ ତୁରନ୍ତ କ୍ଷତି ପୂରଣ ଦେବା ପାଇଁ କ୍ଷତିଗ୍ରସ୍ତ ଚାଷୀମାନେ ଦାବି କରିଛନ୍ତି।

